ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**DOLC-1**

ବ୍ଲକ୍

# ୨ ଓଡିଆ ବର୍ଣ୍ଣ ପରିଚୟ

ତୃତୀୟ ଏକକ

**କ୍ରିୟାରୂପ , କାଳ , ଭାବ , ପ୍ରେରଣାର୍ଥକ କ୍ରିୟା , ନାସ୍ତିବାଚକ କ୍ରିୟା**

ଚତୁର୍ଥ ଏକକ

**ଅବ୍ୟୟ , ଉପସର୍ଗ , ସମାସ , ସନ୍ଧି**

# ବିଶେଷଜ୍ଞ କମିଟି

| | | |
|---|---|---|
| ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର | ପ୍ରଫେସର (ଅବସରପ୍ରାପ୍ତ),ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,ଶାନ୍ତିନିକେତନ | ଅଧ୍ୟକ୍ଷ |
| ଡଃ ବସନ୍ତ କୁମାର ପଣ୍ଡା | ପ୍ରାଧ୍ୟାପକ,ଓଡିଆ ବିଭାଗ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ପ୍ରଫେସର ଡଃ ନାରାୟଣ ସାହୁ | ପ୍ରଫେସର (ଅବସରପ୍ରାପ୍ତ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ଡଃ କ୍ଷୀରୋଦ ଚନ୍ଦ୍ର ବେହେରା | ପ୍ରାଧ୍ୟାପକ,ଓଡିଆ ବିଭାଗ ବି.ଜେ.ବି.ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର | ସଦସ୍ୟ |
| ଡଃ ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର | ଆବାହକ |

## ପ୍ରସ୍ତୁତି

| | | |
|---|---|---|
| ଡକ୍ଟର ଦେବାଶୀଷ ମହାପାତ୍ର | ଅଧ୍ୟାପକ ଭାଷା ବିଜ୍ଞାନ ଓମାର-ଅଲ ମୁକ୍ତାର ବିଶ୍ୱବିଦ୍ୟାଳୟ ତୋବ୍ରୁକ ଲିବ୍ୟା,ଉତ୍ତର ଆଫ୍ରିକା | ଲେଖକ |
| ଡକ୍ଟର ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର | ସମୀକ୍ଷା ଓ ସଂପାଦନା |

# ପ୍ରାକ୍‌ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ । ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ । ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ । ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ । ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା । ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ । ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ । ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି । ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି । ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ । ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ,ତତ୍ତ୍ୱ,ଦର୍ଶନ ଲୁକ୍‌କାୟିତ ହୋଇରହିଛି । ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ ।

ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର । ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ । ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ । ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ । ଭାଷା ଏକ ଜୀବନ୍ତ ପ୍ରକ୍ରିୟା । ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ । ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନା ସୃଷ୍ଟି ହୋଇଥିଲା । ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ

ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ,ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ।

ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌କୁ ୟୁନିଟ୍ / ଏକତ୍ରରେ ବିଭକ୍ତ କରାଯାଇଛି ।

ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରିକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ । ତଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ,ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ,ଇଂଟରନେଟ୍,ରେଡିଓ .ମଲ୍ଟିମିଡିଆ କ୍ଲାସ୍,ୱେବ୍ ସାଇଟ୍, ଇ-ମେଲ ,ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ,ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ

## ୩. ତୃତୀୟ ଏକକ :

## କ୍ରିୟାରୂପ, କାଳ, ଭାବ, ପ୍ରେରଣାର୍ଥକ କ୍ରିୟା, ନାସ୍ତିବାଚକ କ୍ରିୟା

**ବିଷୟର ଗଠନ :**

୩.୧ ପଠନର ଉଦ୍ଦେଶ୍ୟ

୩.୨ ବିଷୟ ପରିଚୟ

୩.୨.୧ କ୍ରିୟାରୂପ

୩.୨.୨ ଭାବ

୩.୨.୩ ପ୍ରେରଣାର୍ଥକ କ୍ରିୟା

୩.୨.୩ ନାସ୍ତିବାଚକ କ୍ରିୟା

୩.୩ ମନେରଖ

୩.୪ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୩.୫ ସମ୍ଭାବ୍ୟ ଉତ୍ତର

## ୩.୧ ପଠନର ଉଦ୍ଦେଶ୍ୟ :

ଏହି ଏକକ ପାଠକଲା ପରେ ତୁମେ :-

କ୍ରିୟାପଦର ସ୍ୱରୂପ ଜାଣିପାରିବ

କାଳର ସଂଜ୍ଞା ଓ ପ୍ରକାରଭେଦ ନିରୂପଣରେ ସମର୍ଥ ହେବ

କ୍ରିୟାର ଭାବ ନିରୂପଣ କରିପାରିବ

## ୩.୨ ବିଷୟ ପରିଚୟ :

ବିଦ୍ୟାର୍ଥୀମାନଙ୍କର କାଳ ନିରୂପଣରେ ସମୟ ସମୟରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଥାଏ । ପୁରୁଷ/ବଚନ ନିର୍ଣ୍ଣୟ କରିବା ସହ ସେସବୁକୁ ନିର୍ଦ୍ଦିଷ୍ଟ କାଳ ନିରୂପଣ ମାଧ୍ୟମରେ ପ୍ରୟୋଗ କରିବାର ସାମର୍ଥ୍ୟ ପ୍ରଦାନ କରିବା ଏହି ଏକକର ଉଦ୍ଦେଶ୍ୟ । ଖା, ଭୁଂଜ, ଗିଳ୍ ଭଳି କେତେକ ଶବ୍ଦ ମଧ୍ୟରେ ଥିବା ଭାବଗତ ପାର୍ଥକ୍ୟକୁ ଦେଖାଇଦେବା ଅନ୍ୟତମ ଉଦ୍ଦେଶ୍ୟ । ସାଧାରଣ କାଳ, ଅସଂପନ୍ନ କାଳ ଓ ସଂପନ୍ନକାଳର ବିଭାଜନ ଓ ସାର୍ଥକ ପ୍ରୟୋଗ ଏହି ଏକକର ମୂଳ ଲକ୍ଷ୍ୟ ।

## ୩.୨.୧ କ୍ରିୟା :

ବାକ୍ୟରେ ଯେଉଁପଦ କାର୍ଯ୍ୟସୂଚକ ତାହାକୁ କ୍ରିୟା କହନ୍ତି । ଅର୍ଥାତ୍ ଯେଉଁପଦରୁ କୌଣସି କାର୍ଯ୍ୟର ସୂଚନା ମିଳେ ତାହା କ୍ରିୟାପଦ । ଯେମିତିକି ହସିବା, କହିବା, ଲେଖିବା, ପଢ଼ିବା, ଯିବା, ଆସିବା ଇତ୍ୟାଦି । କ୍ରିୟାର ସମୟ ସୂଚକ ରୂପକୁ କାଳ କହନ୍ତି । ଏହି କାଳ ମୁଖ୍ୟତଃ ତିନି ପ୍ରକାରର –

୧) ବର୍ତ୍ତମାନ କାଳ

୨) ଅତୀତ କାଳ

୩) ଭବିଷ୍ୟତ କାଳ

**୧) ବର୍ତ୍ତମାନ କାଳ –** ଯେଉଁ କ୍ରିୟାକୁ କାର୍ଯ୍ୟ ଏବେ ବା ବର୍ତ୍ତମାନ ହେଉଥିବାର ସୂଚନା ମିଳେ, ତାହା ବର୍ତ୍ତମାନ କାଳ । ଯେମିତିକି –

କ) ସେ ପଢୁଛି ।

ଖ) ମୁଁ ଯାଉଛି ।

ଗ) ତୁ ଲେଖୁଛୁ ।

ଏହି ବର୍ତ୍ତମାନ କାଳକୁ ଆମେ ତିନି ଶ୍ରେଣୀରେ ବିଭକ୍ତ କରିପାରିବା । ଯଥା :

୧) ସାଧାରଣ ବର୍ତ୍ତମାନ

୨) ଅସମ୍ପନ୍ନ ବର୍ତ୍ତମାନ

୩) ସମ୍ପନ୍ନ ବର୍ତ୍ତମାନ

ସାଧାରଣ ବର୍ତ୍ତମାନ କାଳର କେତୋଟି ଉଦାହରଣ ଦେଖ –

କ) ସୂର୍ଯ୍ୟ ପ୍ରତିଦିନ ପୂର୍ବଦିଗରେ ଉଦୟ ହୁଅନ୍ତି ।

ଖ) ଆଷାଢ଼ ମାସରେ ରଥଯାତ୍ରା ହୁଏ ।

ଗ) ସମୁଦ୍ର ପାଣି ଲୁଣିଆ ଲାଗେ ।

ଉଦାହରଣ ଗୁଡ଼ିକରେ ବ୍ୟବହୃତ ହୁଅନ୍ତି, ହୁଏ, ଲାଗେ ଇତ୍ୟାଦି ସାଧାରଣ ବର୍ତ୍ତମାନ କାଳର କ୍ରିୟା । ଏଥିରୁ ଜଣାପଡ଼େ ଯେ ଯାହା ସାଧାରଣ ଭାବେ, ନିୟମିତ ଭାବେ, ଯଥା ସମୟରେ ଘଟିଥାଏ, ତାହା ସାଧାରଣ ବର୍ତ୍ତମାନ କାଳ । ଏହାକୁ ମଧ୍ୟ ଆମେ ସାମାନ୍ୟ ବର୍ତ୍ତମାନ, ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ ବା ଶୁଦ୍ଧ ବର୍ତ୍ତମାନ କାଳ ବୋଲି କହିପାରିବା ।

**୨) ଅସମ୍ପନ୍ନ ବର୍ତ୍ତମାନ** – ଅସମ୍ପନ୍ନ ବର୍ତ୍ତମାନ କାଳର କେତୋଟି ଉଦାହରଣ ଲକ୍ଷ୍ୟକର ।

କ) ସୁଧା ଖବରକାଗଜ ପଢୁଛି ।

ଖ) ଲୀଳା ଛୁରୀରେ ପରିବା କାଟୁଛି ।

ଗ) ସେ ତୂଳୀରେ ଆଙ୍କୁଅଛି ।

ଏହିସବୁ ଉଦାହରଣରେ ଥିବା ପଢୁଅଛି, କାଟୁଅଛି, ଆଙ୍କୁଅଛି, ଅସମ୍ପନ୍ନ ବର୍ତ୍ତମାନ କାଳର କ୍ରିୟା । ଏହି ସବୁ କ୍ରିୟାଗୁଡ଼ିକରୁ କାମ ସରି ନଥିବା କଥା ବୁଝାପଡୁଛି । କାମ ବା କାର୍ଯ୍ୟ ଚାଲୁଥିବାର ସୂଚନା ମିଳୁଥବାରୁ ଏହାକୁ ମଧ୍ୟ 'ଚଳିତ ବର୍ତ୍ତମାନ' କୁହାଯାଇଥାଏ ।

**୩) ସମ୍ପନ୍ନ ବର୍ତ୍ତମାନ –** ସମ୍ପନ୍ନ ବର୍ତ୍ତମାନ କାଳର କେତୋଟି ଉଦାହରଣ ପ୍ରତି ଧ୍ୟାନ ଦିଅ –

କ) କୁହୁ ଶୋଇଅଛି ।

ଖ) ମୁଁ ଭାତ ଖାଇଅଛି ।

ଗ) ଆମ୍ଭେମାନେ ଦାରିଙ୍ଗବାଡ଼ି ଦେଖିଅଛୁ ।

ଏହିସବୁ ଉଦାହରଣରେ ବ୍ୟବହାର ହେଇଥିବା ଶୋଇଅଛି, ଖାଇଅଛି, ଦେଖିଅଛୁ ସମ୍ପନ୍ନ ବର୍ତ୍ତମାନ କାଳର କ୍ରିୟା । ଆମେ ଏବେ କହିପାରିବା, ଯେଉଁ କ୍ରିୟାରୁ କାର୍ଯ୍ୟ ସରିବା ସହ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର ପ୍ରଭାବ ଥିବାର ଜଣାପଡ଼େ ତାହା ସମ୍ପନ୍ନ ବର୍ତ୍ତମାନ କାଳ ।

**୨) ଅତୀତ କାଳ –** ଯେଉଁ କ୍ରିୟାରୁ କାର୍ଯ୍ୟ ସମ୍ପନ୍ନ ହେବା ବା ସରିଥିବାର ସୂଚନା ମିଳେ, ତାହାକୁ ଅତୀତ କାଳ କ୍ରିୟା କୁହାଯାଏ । ଏହାର ଉଦାହରଣ ଲକ୍ଷ୍ୟ କର –

କ) ଆମେ ଶ୍ରୀକ୍ଷେତ୍ର ଯାଇଥିଲୁ ।

ଖ) ସେ ଗତବର୍ଷ ପରୀକ୍ଷା ଦେଇଥିଲା ।

ଗ) ବ୍ରାହ୍ମଣମାନେ ବିଶ୍ୱଶାନ୍ତି ଯଜ୍ଞ କରିଥିଲେ ।

ବାକ୍ୟଗୁଡ଼ିକରେ ବ୍ୟବହୃତ ଯାଇଥିଲୁ, ଦେଇଥିଲା, କରିଥିଲେ କ୍ରିୟା ପଦ କାର୍ଯ୍ୟ ସମ୍ପନ୍ନ ହେବା ବା ସରିଥିବାର ସୂଚନା ଦେଉଛି । ଏହି ଅତୀତ କାଳ ମୁଖ୍ୟତଃ ତିନି ପ୍ରକାରର –

୧) ସାଧାରଣ ଅତୀତ

୨) ଅସମ୍ପନ୍ନ ଅତୀତ

୩) ସମ୍ପନ୍ନ ଅତୀତ

**୧) ସାଧାରଣ ଅତୀତ –** ସାଧାରଣ ଅତୀତର କେତୋଟି ଉଦାହରଣ ଦେଖ –

କ) ସେ ମିଛ କହିଲା ।

ଖ) ମୁଁ ସଭାରୁ ଫେରିଲି ।

ଗ) ରାଧା ଏବେ ନାଚିଲା ।

ବାକ୍ୟଗୁଡ଼ିକରେ ବ୍ୟବହାର ହୋଇଥିବା କହିଲା, ଫେରିଲି, ନାଚିଲା ଆଦି କ୍ରିୟାପଦ ସାଧାରଣ ଅତୀତ କାଳର । ଏଥିରୁ ଆମେ ଲକ୍ଷ୍ୟ କଲେ ଯେ କାର୍ଯ୍ୟ ନିକଟରେ ଘଟିଛି । ତେଣୁ ଆମେ ଏବେ କହିପାରିବା, ଯେଉଁ କ୍ରିୟାରୁ କାର୍ଯ୍ୟ ଅଳ୍ପ ସମୟ ତଳେ ବା ନିକଟରେ ସରିଥିବାର ସୂଚନା ମିଳେ, ତାହା ସାଧାରଣ ଅତୀତ କାଳ କ୍ରିୟା। ଏହାକୁ ମଧ୍ୟ ସାମାନ୍ୟ ଅତୀତ କାଳ କ୍ରିୟା କୁହାଯାଇଥାଏ ।

**୨) ଅସମ୍ପନ୍ନ ଅତୀତ –** ଅସମ୍ପନ୍ନ ଅତୀତ କାଳର କେତୋଟି ଉଦାହରଣ ଲକ୍ଷ୍ୟ କର –

କ) ବର୍ଷା ହେଉଥିଲା ।

ଖ) ଆମେ ସିନେମା ଦେଖି ଫେରୁଥିଲୁ ।

ଗ) ଆଦ୍ୟା ନାଚୁଥିଲା ।

ଏସବୁ ବାକ୍ୟରେ ବ୍ୟବହାର ହୋଇଥିବା ହେଉଥିଲା, ଫେରୁଥିଲା, ନାଚୁଥିଲା, ଅସମ୍ପନ୍ନ ଅତୀତ କାଳର କ୍ରିୟା ।ଆମେ ଏବେ କହିପାରିବା, ଏସବୁ କ୍ରିୟାପଦ ଗୁଡ଼ିକ କାର୍ଯ୍ୟ ଅତୀତରେ ଚାଲୁଥିଲା, ସରି ନଥିବା କଥା କହୁଛନ୍ତି । ଏହା ଅସମ୍ପନ୍ନ ବା ଚଳିତ ଅତୀତ କାଳର କ୍ରିୟା । ଏବେ ଆମେ କହିପାରିବା, ଯେଉଁ କ୍ରିୟାରୁ କାର୍ଯ୍ୟ ଅତୀତରେ ସରି ନଥିବା ବା ଚାଲୁଥିବା କଥା ଜଣାଯାଏ ତାହା ଅସମ୍ପନ୍ନ ଅତୀତ କାଳର କ୍ରିୟା ।

**୩) ସମ୍ପନ୍ନ ଅତୀତ –** ସମ୍ପନ୍ନ ଅତୀତ କାଳର କେତୋଟି ଉଦାହରଣ ଲକ୍ଷ୍ୟକର –

କ) ଖରା ହୋଇଥିଲା ।

ଖ) ସେ କବିତାଟି ପଢ଼ିଥିଲା ।

ଗ) ଆମେ ମେଳଣ ଦେଖିଥିଲୁ ।

ଉଦାହରଣରେ ବ୍ୟବହାର ହୋଇଥିବା ହୋଇଥିଲା, ପଢ଼ିଥିଲା, ଦେଖିଥିଲୁ କ୍ରିୟାରୁ କାମ ସରିଥିବାର ବା ସମ୍ପନ୍ନ ହୋଇଥିବାର ସୂଚନା ମିଳୁଛି ।ଆମେ ଏବେ କହିପାରିବା, ଯେଉଁ କ୍ରିୟାରୁ କୌଣସି କାର୍ଯ୍ୟ ଅତୀତରେ ସମ୍ପନ୍ନ ହୋଇଥିବା ବା ସମାପ୍ତ ହୋଇଥିବାର ଜଣାଯାଏ । ତାହା ସମ୍ପନ୍ନ ଅତୀତ କାଳର କ୍ରିୟା ।

**୩) ଭବିଷ୍ୟତ କାଳ –** ଯେଉଁ କ୍ରିୟାରୁ କାର୍ଯ୍ୟ ଆଗକୁ ହେବା ବା ଭବିଷ୍ୟତରେ ହେବାର ସୂଚନା ମିଳେ। ତାହାକୁ ଭବିଷ୍ୟତ କାଳ କ୍ରିୟା କହନ୍ତି । ଏହାର ଉଦାହରଣ ଦେଖ –

କ) ସେ କାଲି କୋଣାର୍କ ଯିବ ।

ଖ) ଆର ସପ୍ତାହରେ ସ୍କୁଲ ଖୋଲିବ ।

ଗ) ଆମେ ଏଠି ପାଠ ପଢ଼ିବୁ ।

ଭବିଷ୍ୟତ କାଳ ମଧ୍ୟ ତିନି ପ୍ରକାରର –

୧) ସାଧାରଣ ଭବିଷ୍ୟତ

୨) ଅସମ୍ପନ୍ନ ଭବିଷ୍ୟତ

୩) ସମ୍ପନ୍ନ ଭବିଷ୍ୟତ

**୧) ସାଧାରଣ ଭବିଷ୍ୟତ –** ସାଧାରଣ ଭବିଷ୍ୟତ କାଳର କେତୋଟି ଉଦାହରଣ ପ୍ରଥମେ ଲକ୍ଷ୍ୟକର –

କ) ଗ୍ରୀଷ୍ମଛୁଟି ପରେ ସବୁ ସ୍କୁଲ୍ ଖୋଲିବ ।

ଖ) ସେ ଗୀତ ଗାଇବ ।

ଗ) ଆମର ବାର୍ଷିକ ଉତ୍ସବ ହେବ ।

ଉଦାହରଣ ଗୁଡ଼ିକରେ ବ୍ୟବହାର ହୋଇଥିବା ଖୋଲିବ, ଗାଇବା, ହେବ କ୍ରିୟାଗୁଡ଼ିକରୁ କାର୍ଯ୍ୟଆଗକୁ ବା ଭବିଷ୍ୟତରେ ହେବାର ଜଣାଯାଉଛି । ଏବେ ଆମେ କହିପାରିବା, ଯେଉଁ କ୍ରିୟାରୁ କାର୍ଯ୍ୟ ଭବିଷ୍ୟତରେ ହେବାର ସୂଚନା ମିଳେ ତାହା ସାଧାରଣ ଭବିଷ୍ୟତ କାଳର କ୍ରିୟା ।

**୨) ଅସମ୍ପନ୍ନ ଭବିଷ୍ୟତ –** ଅସମ୍ପନ୍ନ ଭବିଷ୍ୟତ କାଳର କେତୋଟି ଉଦାହରଣ ଲକ୍ଷ୍ୟ କର –

କ) ସେ ଏବେ କାଶୀରୁ ଫେରୁଥିବ ।

ଖ) ମାମା ମନ୍ଦିରକୁ ଯାଉଥିବ ।

ଗ) ରାଜା ଅଫିସ୍‌ରୁ ଆସୁଥିବ ।

ଏସବୁ ବାକ୍ୟରେ ଥିବା ଫେରୁଥିବ, ଯାଉଥିବ, ଆସୁଥିବ କ୍ରିୟାଗୁଡ଼ିକରୁ କାମ ଚାଲୁଥିବ ବା ଅସମ୍ପନ୍ନ ଅବସ୍ଥାରେ ଥିବ ବୋଲି ସୂଚନା ମିଳୁଛି । ଏବେ ଆମେ କହିପାରିବା, ଯେଉଁ କ୍ରିୟାଦ୍ୱାରା କାର୍ଯ୍ୟ ଭବିଷ୍ୟତରେ ଚାଲୁଥିବ ବୋଲି ଜଣାଯାଏ ସେଠାରେ କ୍ରିୟାର ଅସମ୍ପନ୍ନ ଭବିଷ୍ୟତ କାଳ ହୁଏ । ଏହାକୁ ମଧ୍ୟ ଚଳିତ ଭବିଷ୍ୟତ କାଳ କୁହାଯାଏ ।

**୩) ସମ୍ପନ୍ନ ଭବିଷ୍ୟତ –** ସମ୍ପନ୍ନ ଭବିଷ୍ୟତ କାଳର କେତୋଟି ଉଦାହରଣ ପ୍ରଥମେ ଲକ୍ଷ୍ୟ କର –

କ) ବିଦ୍ୟାଳୟ ଖୋଲିଥିବ ।

ଖ) ତୁମେ ଶ୍ରେଣୀରେ ପହଞ୍ଚିଥିବ ।

ଗ) ସେ ଲେଖାଟି ସାରିଥିବ ।

ଏସବୁ ବାକ୍ୟରେ ବ୍ୟବହାର ହୋଇଥିବା ଖୋଲିଥିବ, ପହଞ୍ଚିଥିବ, ସାରିଥିବ କ୍ରିୟାଗୁଡ଼ିକରୁ କାର୍ଯ୍ୟ ସାରିଥିବା ବା ସମ୍ପନ୍ନ ହୋଇଥିବାର ସୂଚନା ମିଳୁଛି । ଏବେ ଆମେ କହିପାରିବା ଯେଉଁ ଭବିଷ୍ୟତ କାଳର କ୍ରିୟାରୁ କାର୍ଯ୍ୟ ଶେଷ ହୋଇଥିବା ବା ସରିଥିବାର ସୂଚନା ମିଳେ ତାହା ସମ୍ପନ୍ନ ଭବିଷ୍ୟତକାଳ ।

କେତୋଟି କଥା ମନେରଖ –

ବେଳେବେଳେ ବର୍ତ୍ତମାନ କାଳର କ୍ରିୟା, ଭବିଷ୍ୟତ ସମୟର ସୂଚନା ଦେଇଥାଏ ।

ଉଦାହରଣ ଦେଖ –

କ) ସେ କାଲି ଦିଲ୍ଲୀ ଯାଉଛି ।

ଖ) ଖବର ଆସିଲା, ସେମାନେ ଆସୁଛନ୍ତି ।

ବେଳେବେଳେ ସାଧାରଣ ଅତୀତ କାଳର କ୍ରିୟାରୁ ଭବିଷ୍ୟତ ସମୟର ସୂଚନା ମିଳେ । ଉଦାହରଣ ଦେଖ –

କ) ତୁମେ ଆସିଲେ, ଆମେ ଯିବୁ ।

ଖ) ପିଲାଙ୍କୁ ଗଢ଼ିଲେ, ସମାଜର ମଙ୍ଗଳ ହେବ ।

## ୩.୨.୨ ଭାବ :

କ୍ରିୟାର ଭାବ ଦୁଇପ୍ରକାରର । ପ୍ରଥମଟି ଆଭିପ୍ରାୟିକ ଏବଂ ଦ୍ୱିତୀୟଟି ଅନୁଜ୍ଞା । ଆଭିପ୍ରାୟିକ ଭାବ ପୁଣି ତିନି ଶ୍ରେଣୀର – କ) ସାଧାରଣ ବା ଶୁଦ୍ଧ ଆଭିପ୍ରାୟିକ ଭାବ, ଖ) ଅସମ୍ପନ୍ନ ଆଭିପ୍ରାୟିକ ଭାବ, ଏବଂ ଗ) ସମ୍ପନ୍ନ ଆଭିପ୍ରାୟିକ ଭାବ । ସେହିପରି ଅନୁଜ୍ଞା ଭାବକୁ ମଧ୍ୟ ତିନିଭାଗରେ ବିଭକ୍ତ

କରାଯାଇପାରେ। ଯଥା : କ) ସାଧାରଣ ଅନୁଜ୍ଞା ଭାବ, ଖ) ଅସମ୍ପନ୍ନ ଅନୁଜ୍ଞାଭାବ, ଏବଂ ଗ) ସମ୍ପନ୍ନ ଅନୁଜ୍ଞାଭାବ । ଏବେ ଆସ ଦେଖିବା ଏହି ସବୁ ଭାବର ଉଦାହରଣ –

**୧) ଆଭିପ୍ରାୟିକ ଭାବ -**

କ) ସାଧାରଣ ବା ଶୁଦ୍ଧ ଆଭିପ୍ରାୟିକ ଭାବ

| | **ପ୍ରଥମ ପୁରୁଷ** | **ଦ୍ୱିତୀୟ ପୁରୁଷ** | **ତୃତୀୟ ପୁରୁଷ** |
|---|---|---|---|
| ଏକବଚନ - | ମୁଁ ଲେଖନ୍ତି | ତୁ ଲେଖନ୍ତୁ | ସେ ଲେଖନ୍ତା |
| ବହୁବଚନ - | ଆମ୍ଭେମାନେ ଲେଖନ୍ତୁ | ତୁମ୍ଭେମାନେ ଲେଖନ୍ତ | ସେମାନେ ଲେଖନ୍ତେ |
| | ବା ଆମ୍ଭେମାନେ ଲେଖନ୍ତେ | | |

ଖ) ଅସମ୍ପନ୍ନ ଆଭିପ୍ରାୟିକ ଭାବ -

| | **ପ୍ରଥମ ପୁରୁଷ** | **ଦ୍ୱିତୀୟ ପୁରୁଷ** | **ତୃତୀୟ ପୁରୁଷ** |
|---|---|---|---|
| ଏକବଚନ - | ମୁଁ ଲେଖୁଥାଆନ୍ତି | ତୁ ଲେଖୁଥାଆନ୍ତୁ | ସେ ଲେଖୁ ଥାଆନ୍ତା |
| ବହୁବଚନ - | ଆମ୍ଭେମାନେ ଲେଖୁଥାଆନ୍ତୁ | ତୁମ୍ଭେମାନେ ଲେଖୁଥାଆନ୍ତ | ସେମାନେ ଲେଖୁଥାଆନ୍ତେ |

ଗ) ସମ୍ପନ୍ନ ଆଭିପ୍ରାୟିକ ଭାବ

| | | | |
|---|---|---|---|
| ଏକବଚନ - | ମୁଁ ଲେଖିଥାଆନ୍ତି | ତୁ ଲେଖିଥାଆନ୍ତୁ | ସେ ଲେଖିଥାଆନ୍ତା |
| ବହୁବଚନ - | ଆମ୍ଭେମାନେ ଲେଖିଥାଆନ୍ତୁ | ତୁମ୍ଭେମାନେ ଲେଖିଥାଆନ୍ତ | ସେମାନେ ଲେଖିଥାଆନ୍ତେ |

**୨) ଅନୁଜ୍ଞା ଭାବ -**

କ) ସାଧାରଣ ଅନୁଜ୍ଞାଭାବ

| **ପୁରୁଷ** | **ପ୍ରଥମ ପୁରୁଷ** | **ଦ୍ୱିତୀୟ ପୁରୁଷ** | **ତୃତୀୟ** |
|---|---|---|---|
| ଏକବଚନ - | ମୁଁ ଲେଖେ | ତୁ ଲେଖ୍ | ସେ ଲେଖୁ |
| ବହୁବଚନ - | ଆମ୍ଭେମାନେ ଲେଖୁ | ତୁମ୍ଭେମାନେ ଲେଖ | ସେମାନେ ଲେଖନ୍ତୁ |

ଖ) ଅସମ୍ପନ୍ନ ଅନୁଜ୍ଞାଭାବ

| **ପୁରୁଷ** | **ପ୍ରଥମ ପୁରୁଷ** | **ଦ୍ୱିତୀୟ ପୁରୁଷ** | **ତୃତୀୟପୁରୁଷ** |
|---|---|---|---|
| ଏକବଚନ- | ମୁଁ ଲେଖୁଥାଏ | ତୁ ଲେଖୁଥା | ସେ ଲେଖୁଥାଉ |
| ବହୁବଚନ- | ଆମ୍ଭେମାନେ ଲେଖୁଥିମ | ତୁମ୍ଭେମାନେ ଲେଖୁଥାଅ | ସେମାନେ ଲେଖୁଥାଆନ୍ତୁ |

**୩) ସମ୍ପନ୍ନ ଅନୁଜ୍ଞାଭାବ -**

| | | | |
|---|---|---|---|
| ଏକବଚନ - | ମୁଁ ଲେଖିଥାଏ | ତୁ ଲେଖିଥା | ସେ ଲେଖିଥାଉ |
| ବହୁବଚନ- | ଆମ୍ଭେମାନେ ଲେଖିଥାଉ | ତୁମ୍ଭେମାନେ ଲେଖିଥାଅ | ସେମାନେ ଲେଖିଥାଆନ୍ତୁ |

## ୩.୨.୩ ନାସ୍ତିବାଚକ କ୍ରିୟା ;

ତୁମେମାନେ ଜାଣିରଖ,ଆମ ଭାଷାରେ ମୁଖ୍ୟତଃ ଦୁଇ ପ୍ରକାରର ନାସ୍ତିବାଚକ କ୍ରିୟା ଅଛି : ନୁହେଁ ଓ ନାହିଁ। ଯେଉଁ ବାକ୍ୟରେ ଆମେ କ୍ରିୟାର ବ୍ୟବହାର କରୁନାହିଁ ଅର୍ଥାତ୍ ଯେଉଁ ବାକ୍ୟରେ କ୍ରିୟା ସୁପ୍ତ ଥାଏ ସେହି ବାକ୍ୟକୁ ନାସ୍ତିବାଚକ କରିବା ପାଇଁ ଆମେ 'ନୁହେଁ 'ନାସ୍ତିବାଚକ କ୍ରିୟା ବ୍ୟବହାର କରିଥାଉ। ସେହିପରି ମନେରଖ, 'ନୁହେଁ 'ର କଥିତ ରୂପ 'ନୁହଁ ' ଏହାକୁ ପଦ୍ୟ ବା କବିତାର 'ନୁହଇ' ଭାବେ ବ୍ୟବହାର କରାଯାଏ। ସେହିପରି 'ନାହିଁ 'ନାସ୍ତିବାଚକ କ୍ରିୟା 'ଅଛି' ଅସ୍ତିବାଚକ କ୍ରିୟାର ବିପରୀତ ଅର୍ଥାତ୍ ଅନ୍ୟ ଭାଷାରେ  କହିଲେ ଯେଉଁ ଠାରେ 'ଅଛି' ର ବ୍ୟବହାର ହୁଏ,ତାହାକୁ ନାସ୍ତିବାଚକ କରିବା ପାଇଁ 'ନାହିଁ' ର ବ୍ୟବହାର କରିବାକୁ ହୁଏ, ଏଥର ଆସ ଆମେ କେତୋଟି ଉଦାହରଣ ଦେଖି ନେବା,ଯେଉଁ ଉଦାହରଣ ସବୁ ନାସ୍ତିବାଚକ କ୍ରିୟା ବିଷୟରେ ଆମକୁ ଅଧିକ ବୁଝାଇଦେବ-

୧) ବିନୋଦ ଭଲ ପିଲା।
   ବିନୋଦ  ଭଲ ପିଲା ନୁହେଁ /ନୁହଁ।
୨) ସେ ଜଣେ ମରାଠୀ ଲୋକ।
   ସେ ଜଣେ ମରାଠୀ ଲୋକ ନୁହଁନ୍ତି।
୩) ତୁ ଗାଆଁର ପିଲା।
   ତୁ ଗାଆଁର ପିଲା ନୁହଁ।
୪) ଭୁବନେଶ୍ୱରରେ ମୋର ଘର ଅଛି।
   ଭୁବନେଶ୍ୱରରେ ମୋର ଘର ନାହିଁ।
୫) ତା'ର କଲମ ଅଛି।
   ତା'ର କଲମ ନାହିଁ।

ଆଉ ଗୋଟିଏ କଥା ମନେରଖ 'ନାହିଁ 'ର ଅନ୍ୟରୂପ 'ନି' ଅର୍ଥାତ ଆମେ 'ନି' ଯୋଗ କରି ମଧ୍ୟ ନାସ୍ତିବାଚକ ବାକ୍ୟ ଗଢ଼ିପାରିବା,

ଯେମିତିକି ;

୧) ମୁଁ ଲେଖେ।
   ମୁଁ ଲେଖେନି।
୨) ସେ ଲେଖିଲା।
   ସେ ଲେଖିଲାନି।
୩) ଆପଣ ଲେଖିଲେ।
   ଆପଣ ଲେଖିଲେନି।
୪) ସେମାନେ ଲେଖିଲେ।
   ସେମାନେ ଲେଖିଲେନି।

ଆମେ ଆଲୋଚନା କଲେ ଯେ , 'ଅଛି' ର ନାସ୍ତିବାଚକ ହୁଏ 'ନାହିଁ'। ତେବେ 'ଥିଲା' ଓ 'ଥିବ' ର ନାସ୍ତିବାଚକ ନାହିଁ ହୁଏନାହିଁ। ଏହାକୁ ନାସ୍ତିବାଚକ କରିପାରିବା ପାଇଁ  ଆମେ ଅବ୍ୟୟ 'ନ' ର ସାହାଯ୍ୟ ନେଉ। ଯେମିତିକି ; ନଥିଲା,ନଥିବ। ତେଣୁ ମନେରଖ, 'ନାହିଁ' ଓ ନୁହେଁ ନାସ୍ତିବାଚକ କ୍ରିୟାପଦ ଛଡା ଆମେ ଓଡ଼ିଆରେ ଅବ୍ୟୟ 'ନ' କୁ ମଧ୍ୟ ନାସ୍ତିବାଚକ ଭାବରେ ବ୍ୟବହାର କରିଥାଉ। କେତୋଟି ଉଦାହରଣ ଦେଖିବା-

୧) ପ୍ରାପ୍ତି ଗୀତ ଗାଉଥିଲା।
   ପ୍ରାପ୍ତି ଗୀତ ଗାଉଥିଲା।

୨)	ଆଶୋକ କାଲି ଏତେବେଳକୁ କଲେଜ ଯାଉଥିବ।
	ଆଶୋକ କାଲି ଏତେବେଳକୁ କଲେଜ ଯାଉନଥିବ।
୩)	ଗତକାଲି ଖରା ହୋଇଥିଲା।
	ଗତକାଲି ଖରା ହୋଇନଥିଲା।
୪)	ଆଜି ହାଟ ବନ୍ଦ ହୋଇଥିବ।
	ଆଜି ହାଟ ବନ୍ଦ ହୋଇନଥିବ।

ଆମେ ସବୁଦିନ କଥାବାର୍ତ୍ତା ବେଳେ 'ହଁ' ବା 'ନା' କହି ଆମର ସମ୍ମତି ବା ନାସ୍ତିବାଚକ ଭାବ ପ୍ରକାଶ କରୁ। ଆମେ ଜାଣିଲେ ଯେ, 'ହଁ 'ର ନାସ୍ତିସୂଚକ ହେଉଛି 'ନା' ବା 'ନାଇଁ '। 'ନା' ବା 'ନାଇଁ ', 'ନାହିଁ ' ନାସ୍ତିବାଚକ କ୍ରିୟା ପଦର ଅସମ୍ମତି  ସୂଚକ କଥିତ ରୂପ। ଆମେ ଏବେ କେତୋଟି ସଂପୂର୍ଣ୍ଣ ନାସ୍ତିବାଚକ ଉଦାହରଣ ଦେଖିବା ,ଯେମିତିକି :

୧) ମୁଁ ନ ଖାଇଲେ ସ ଖାଇବନି।
୨) ତୁ ନଆସିଲେ ସେ ଆସିବନି।
୩) ତୁମେ ନ ପଢିଲେ ଆମେ ପଢନ୍ତୁ ।
୪) ସେମାନେ  ନ ରହିଲେ ଆମେ ଯାଉନୁ।
୫) ସେ ଲେଖିଲାନି ବୋଲି ମୁଁ ଲେଖିଲିନି।

ଆମେ ଏବେ ନାସ୍ତିବାଚକ ବିଶେଷ୍ୟ , ବିଶେଷଣ ବିଷୟରେ ବି ସମ୍ୟକ୍ ଆଲୋଚନା କରିବା ,ଯେମିତିକି ;

କ) ନିଷେଧାର୍ଥକ କ୍ରିୟାଜ ବିଶେଷ୍ୟ ପଦ –  ନକୁହା କଥା
ନଶୁଣା କଥା
ନଦେଖା ଜିନିଷ
ଖ) ନିଷେଧାର୍ଥକ କ୍ରିୟାଜ ବିଶେଷଣ ପଦ – ନଖାଇବା ଭାତ / ନ ଖାଇଲା ଭାତ
ନ କହିବା କଥା / ନକହିଲା କଥା
ନଯିବା ଜାଗା /ନଗଲା ଜାଗା

ଏଥର ମନେରଖ, ନାସ୍ତିବାଚକ ବାକ୍ୟରେ ବାକ୍ୟର କର୍ତ୍ତା ଓ କ୍ରିୟା ସହ ନାସ୍ତିବାଚକ ପଦର ସମ୍ପର୍କ ଅବିଚ୍ଛିନ୍ନ। ଆମେ 'ନ' , 'ନା', 'ନି', 'ନାହିଁ' ଓ 'ନୁହେଁ' ଏଇ ପାଞ୍ଚଟିକୁ ନାସ୍ତିବାଚକ ଚିହ୍ନ ଭାବେ ବ୍ୟବହାର କରିଥାଉ। ପ୍ରତ୍ୟେକ ଭାଷା ଭଳି ଓଡିଆ ଭାଷାରେ ମଧ୍ୟ ନାସ୍ତିବାଚକ କ୍ରିୟାର ବ୍ୟବହାର ଓ ଭୂମିକା ବେଶ୍ ଗୁରୁତ୍ୱ ପୂର୍ଣ୍ଣ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

- କ୍ରିୟା କାହାକୁ କହନ୍ତି ?
- କାଳ କହିଲେ କ'ଣ ବୁଝ ?
- କାଳ କେତେ ପ୍ରକାରର ?
- ବର୍ତ୍ତମାନ କାଳ କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଇଲେଖ ।
- ନିମ୍ନଲିଖିତ ବାକ୍ୟଗୁଡ଼ିକ କେଉଁ କାଳର ସୂଚନା ଦେଉଛି ଲେଖ –

୧) ଆଷାଢ଼ ମାସରେ ଗୁଣ୍ଡିଚା ଯାତ ହୁଏ ।
୨) ଦିନନାଥ ତୂଳୀରେ ଚିତ୍ର ଆଙ୍କୁଛନ୍ତି ।
୩) ସମୁଦ୍ର ପାଣି ଲୁଣିଆ ଲାଗେ ।
୪) ଲୀଳା ଫୋନ୍‌ରେ କଥା ହେଉଛି ।
୫) ଋଷିମାନେ ଯଜ୍ଞ କରିଥିଲେ ।

୬) ସେ ଗତବର୍ଷ ଶ୍ରୀକ୍ଷେତ୍ର ଯାଇଥିଲା ।

୭) ଆଦ୍ୟା ମଞ୍ଚରେ ନାଚୁଥିଲା ।

୮) ଆସନ୍ତା ସପ୍ତାହରେ ଆମ କ୍ଲବ୍‌ର ଉତ୍ସବ ହେବ ।

୯) ଖରାଛୁଟି ପରେ ସବୁ ବିଦ୍ୟାଳୟ ଖୋଲିବ ।

୧୦)ଆମେ ବିଦେଶ ଯିବୁ ।

## ସମ୍ଭାବ୍ୟ ଉତ୍ତର :

- ବାକ୍ୟରେ ଯେଉଁ ପଦଟି କୌଣସି କାମ ବା କାର୍ଯ୍ୟର ସୂଚନା ଦିଏ । ତାହାକୁ କ୍ରିୟା କହନ୍ତି ।
- କ୍ରିୟାର ସମୟ ସୂଚକ ରୂପକୁ କାଳ କୁହାଯାଏ ।
- କାଳ ମୁଖ୍ୟତଃ ତିନି ପ୍ରକାରର । ଯଥା :

  କ) ବର୍ତ୍ତମାନ କାଳ

  ଖ) ଅତୀତ କାଳ

  ଗ) ଭବିଷ୍ୟତ କାଳ

- ଯେଉଁ କ୍ରିୟାରୁ କାମଟି ଏବେ ବା ବର୍ତ୍ତମାନ ହେଉଥିବାର ଜଣା ଯାଏ, ତାହା ବର୍ତ୍ତମାନ କାଳ।
  ଉଦାହରଣ –

  ୧) ସେ ଖାଉଛି ।

  ୨) ମୁଁ ଲେଖୁଛି ।

- ବାକ୍ୟଗୁଡ଼ିକର କାଳର ନାମ –

  ୧) ଆଷାଢ଼ ମାସରେ ଗୁଣ୍ଡିଚା ଯାତ ହୁଏ । – ବର୍ତ୍ତମାନ କାଳ

  ୨) ଦିନନାଥ ତୂଳୀରେ ଚିତ୍ର ଆଙ୍କୁଛନ୍ତି । –ବର୍ତ୍ତମାନ କାଳ

  ୩) ସମୁଦ୍ର ପାଣି ଲୁଣିଆ ଲାଗେ ।– ବର୍ତ୍ତମାନ କାଳ

  ୪) ଲୀଲା ଫୋନ୍‌ରେ କଥା ହେଉଛି ।– ବର୍ତ୍ତମାନ କାଳ

  ୫) ଋଷିମାନେ ଯଜ୍ଞ କରିଥିଲେ । – ଅତୀତ କାଳ

  ୬) ସେ ଗତବର୍ଷ ଶ୍ରୀକ୍ଷେତ୍ର ଯାଇଥିଲା । – ଅତୀତ କାଳ

  ୭) ଆଦ୍ୟା ମଞ୍ଚରେ ନାଚୁଥିଲା । – ଅତୀତ କାଳ

  ୮) ଆସନ୍ତା ସପ୍ତାହରେ ଆମ କ୍ଲବର ଉତ୍ସବ ହେବ । – ଭବିଷ୍ୟତ କାଳ

  ୯) ଖରା ଛୁଟିପରେ ସବୁ ବିଦ୍ୟାଳୟ ଖୋଲିବ । – ଭବିଷ୍ୟତ କାଳ

  ୧୦) ଆମେ ବିଦେଶ ଯିବୁ । –ଭବିଷ୍ୟତ କାଳ

# ୪.    ଚତୁର୍ଥ ଏକକ : ଅବ୍ୟୟ, ଉପସର୍ଗ, ସମାସ, ସନ୍ଧି

## ବିଷୟର ଗଠନ


୪.୧    ପଠନର ଉଦ୍ଦେଶ୍ୟ

୪.୨    ବିଷୟ ପରିଚୟ

    ୪.୨.୧    ଅବ୍ୟୟ

    ୪.୨.୨    ଉପସର୍ଗ

    ୪.୨.୩    ସମାସ

    ୪.୨.୪    ସନ୍ଧି

୪.୩    ମନେରଖ

୪.୫    ଆତ୍ମପରୀକ୍ଷଣ ପ୍ରଶ୍ନବଳୀ / ସମ୍ଭାବ୍ୟ ଉତ୍ତର


## ୪.୧ ପଠନର ଉଦ୍ଦେଶ୍ୟ

ଏହି ଏକକ ପାଠ କଲାପରେ ତୁମେ :-

- ଅବ୍ୟୟ, ଉପସର୍ଗ, ସମାସ ଓ ସନ୍ଧି ସମ୍ପର୍କରେ ସ୍ୱଷ୍ଟଧାରଣା ଅର୍ଜନ କରିବ
- ଅବ୍ୟୟର ପ୍ରକାର ଭେଦ ଜାଣିବା ଦ୍ୱାରା ନୂତନ ଶବ୍ଦ ସୃଷ୍ଟି କରିପାରିବ
- ଉପସର୍ଗର ସଫଳ ପ୍ରୟୋଗ କରି ଅର୍ଥସ୍ୱଷ୍ଟତାକୁ ବୁଝିପାରିବ
- ସମାସ ପାଠ ମାଧ୍ୟମରେ ଭାବସଂକ୍ଷେପଣ/ସଂପ୍ରସାରଣ ଦକ୍ଷତା ଅର୍ଜନ କରିପାରିବ
- ସନ୍ଧି ସମ୍ପର୍କିତ ନିୟମାବଳୀକୁ ଆୟତ୍ତ କରିପାରିବ

## ୪.୨ ବିଷୟ ପରିଚୟ :

ଅବ୍ୟୟ, ଉପସର୍ଗ, ସମାସ ଓ ସନ୍ଧିର ବାସ୍ତବ ପ୍ରାୟୋଗିକ ଦିଗକୁ ଜାଣିବା ଏକାନ୍ତ ପ୍ରୟୋଜନ । ବହୁ ସମୟରେ ଦେଖାଯାଏ ଅବ୍ୟୟର ନିର୍ଭୁଲ୍ ପ୍ରୟୋଗ ନ ଜାଣପାରିବାରୁ ଅନେକ ଶବ୍ଦ ପ୍ରସ୍ତୁତିରେ ସମସ୍ୟା ଦେଖାଦିଏ । ସମସ୍ତ ଭାବକୁ ବ୍ୟକ୍ତ କରିବାପାଇଁ ଉପଯୁକ୍ତ ଶବ୍ଦ ଚୟନ ନିମନ୍ତେ ଅବ୍ୟୟର ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଅନୁରୂପ ଭାବରେ ଉପସର୍ଗ ସମାସର ଯଥାର୍ଥ ପ୍ରୟୋଗ ବାକ୍ୟର ମର୍ଯ୍ୟାଦା ବୃଦ୍ଧି କରିବା ସହ ଅଧିକ ଭାବସମ୍ବେଦୀ ହୋଇଥାଏ । ଏ ସବୁର ସଫଳ ବର୍ଣ୍ଣନା ଏହି ଏକକର ମୂଳ ପରିଚୟ ।

### ୪.୨.୧ ଅବ୍ୟୟ :

ମନେରଖ, ବାକ୍ୟ ମଧ୍ୟରେ ଯେଉଁ ପଦ ପୁରୁଷ, ବଚନ, ଲିଙ୍ଗ, ଭେଦର ଆଦୌ ପରିବର୍ତ୍ତନର ସମ୍ମୁଖୀନ ହୋଇନଥାଏ ତାହାକୁ ଅବ୍ୟୟ କୁହାଯାଏ । ବିଭକ୍ତି ଏଗୁଡ଼ିକୁ ନିଅନ୍ତି ନାହିଁ କି କୌଣସି ପରିବର୍ତ୍ତନର ନିୟମାଧୀନ ହୁଅନ୍ତି ନାହିଁ । ଏମାନଙ୍କର ବ୍ୟୟ ନ ଥିବାରୁ ଅବ୍ୟୟ ଗୁଡ଼ିକ ଏକାଧିକ ଶବ୍ଦ ବା ବାକ୍ୟ ମଧ୍ୟରେ ଯେଉଁ କାମ କରନ୍ତି, ସେହି ଅନୁସାରେ ସେମାନଙ୍କୁ ଭିନ୍ନ ଭିନ୍ନ ନାମରେ ଚିହ୍ନିତ କରାଯାଇଥାଏ ।

ଯେମିତିକି –

୧)    ସଂଯୋଜକ ଅବ୍ୟୟ

୨)    ବିଯୋଜକ ଅବ୍ୟୟ

୩)    କାଳବୋଧକ ଅବ୍ୟୟ

୪)    ସମ୍ଭାବନା ସୂଚକ ଅବ୍ୟୟ

୫)    ବିକଳ୍ପାର୍ଥକ ଅବ୍ୟୟ

୬)    ନିଶ୍ଚୟାର୍ଥକ ଅବ୍ୟୟ

୭)	ସମ୍ବୋଧନାର୍ଥକ ଅବ୍ୟୟ

୮)	ପ୍ରଶ୍ନବାଚକ ଅବ୍ୟୟ

୯)	ପରିମାଣସୂଚକ ଅବ୍ୟୟ

୧୦)	ନିଷେଧସୂଚକ ଅବ୍ୟୟ

୧୧)	ହେତୁସୂଚକ ଅବ୍ୟୟ

୧୨)	ଆବେଗ ସୂଚକ ଅବ୍ୟୟ

୧୩)	ଧ୍ୱନିଦ୍ୟୋତକ ଅବ୍ୟୟ

୧୪)	ସମ୍ମତିସୂଚକ ଅବ୍ୟୟ

୧୫)	ସାମ୍ୟବୋଧକ ଅବ୍ୟୟ

**୧) ସଂଯୋଜକ ଅବ୍ୟୟ :** ଏମାନେ ଦୁଇଟି ପଦ ବା ବାକ୍ୟର ଅର୍ଥକୁ ଯୋଡ଼ିଥା'ନ୍ତି । ତେଣୁ ଏ ଅବ୍ୟୟର ନାମ ସଂଯୋଜକ ଅବ୍ୟୟ, ଯେମିତକି – ଓ, ଏବଂ, ଆଉ, ପୁଣି, ଆହୁରି ଇତ୍ୟାଦି ।

ଉଦାହରଣ –

କ) ସେ ଜଣେ କବି ଓ କଳାକାର ।

ଖ) ଖରାଦିନେ ଆମ୍ବ ଆଉ ପଣସର ଭାରି ଆଦର ।

ଗ) କିଛି ସମୟ ବିଶ୍ରାମ ପରେ ସେ ପୁଣି ଲେଖାଲେଖି କଲେ ।

**୨) ବିଯୋଜକ ଅବ୍ୟୟ :** ଏମାନେ ଦୁଇଟି ପଦ କିମ୍ବା ବାକ୍ୟର ଅର୍ଥକୁ ଅଲଗା କରିଥା'ନ୍ତି । ତେଣୁ ଏହି ଅବ୍ୟୟକୁ ବିଯୋଜକ ଅବ୍ୟୟ କୁହାଯାଏ । ଯେମିତିକି ମାତ୍ର, କିନ୍ତୁ, ଅଥଚ, ତଥାପି ଇତ୍ୟାଦି ।

ଉଦାହରଣ –

କ) ସୁରେଶ, ପ୍ରତିଭାବାନ୍ ମାତ୍ର ଗର୍ବୀ ନୁହେଁ ।

ଖ) ସେ ଖୁବ୍ ପରିଶ୍ରମୀ କିନ୍ତୁ ଫଳ ପାଏ ନାହିଁ ।

ଗ) ତାଙ୍କୁ ନିମନ୍ତ୍ରଣ କରାଗଲା ଅଥଚ ସେ ଆସିଲେ ନାହିଁ ।

**୨) କାଳବୋଧକ ଅବ୍ୟୟ :** ଏହି ଅବ୍ୟୟ ଗୁଡ଼ିକ କାଳ ବା ସମୟକୁ ଚିହ୍ନେଇ ଦେଉଥିବାରୁ ଏହାକୁ କାଳବୋଧକ ଅବ୍ୟୟ କୁହାଯାଏ । ଯେମିତକି : ଏ କ୍ଷଣି, ଏଇକ୍ଷଣି, ଅଧୁନା, ସଂପ୍ରତି, ସର୍ବଦା, ବେଳେବେଳେ ଇତ୍ୟାଦି ।

ଉଦାହରଣ –

କ) ଅଧୁନା ଆଧୁନିକ କବିତାର ସ୍ୱର ବଦଳିଛି ।

ଖ) ବେଳେବେଳେ ମିଛ ପ୍ରଶଂସା ବି ଭଲଲାଗେ ।

ଗ) ସର୍ବଦା ଗୁରୁଜନମାନଙ୍କୁ ସମ୍ମାନ ଦେବା ଉଚିତ୍ ।

**୪) ସମ୍ଭାବନା ସୂଚକ ଅବ୍ୟୟ :** ଏସବୁ ଅବ୍ୟୟରେ ସମ୍ଭାବନା ଥାଏ । ଏହାକୁ ଆପେକ୍ଷିକ ଅବ୍ୟୟ ମଧ୍ୟ କୁହାଯାଏ । ଯେମିତିକି : ଯଦି, କେବେ, ଯଦ୍ୟପି, ହୁଏତ, କାଳେ ଇତ୍ୟାଦି ସମ୍ଭାବନାସୂଚକ ଅବ୍ୟୟ ।

ଉଦାହରଣ –

କ) ମୁଁ ସେ ସଭାକୁ ଯାଇପାରେ, ଯଦି ସେମାନେ ଡାକିବେ ।

ଖ) କାଳେ ବର୍ଷା ହେବ ତେଣୁ ସେ ଛତା ନେଇଛନ୍ତି ।

ଗ) ଯଦ୍ୟପି ସେ ଜଣେ ଲେଖକ, ତାଙ୍କର ବ୍ୟବହାର କିନ୍ତୁ ଭଲ ନୁହେଁ ।

**୫) ବିକଳ୍ପାର୍ଥକ ଅବ୍ୟୟ :** ଏହିସବୁ ଅବ୍ୟୟ ବିକଳ୍ପ ପ୍ରକାଶ କରନ୍ତି । ତେଣୁ ଏହାକୁ ବିକଳ୍ପାର୍ଥକ ଅବ୍ୟୟ କୁହାଯାଏ । ଯେମିତକି ବା, ଅବା, କିମ୍ବା, ଅଥବା, ନତୁବା ଇତ୍ୟାଦି ।

ଉଦାହରଣ –

କ) ଆମେ ରାଧାନାଥ କିମ୍ବା ଗଙ୍ଗାଧର ପଢ଼ିବା ।

ଖ) ଆପଣ ଚ଼ ବା କଫି ପିଇ ପାରିବେ ।

ଗ) ତୁମେ ଗଣିତ ନତୁବା ବିଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦିଅ ।

**୬) ନିଶ୍ଚୟାର୍ଥକ ଅବ୍ୟୟ :** ଏହି ଅବ୍ୟୟ ସବୁ ନିଶ୍ଚୟ ଅର୍ଥରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ନିଶ୍ଚୟାର୍ଥକ ଅବ୍ୟୟ କୁହାଯାଏ । ଯେମିତିକି : ଅବଶ୍ୟ, ନିଶ୍ଚୟ, ହିଁ, ହି, ସିନା ଇତ୍ୟାଦି ।

ଉଦାହରଣ –

କ) ସେନିଶ୍ଚୟ ଏଥର କୃତକାର୍ଯ୍ୟ ହେବ ।

ଖ) ରଜରେସିନା ଦୋଳିଖେଳ ହୁଏ ।

ଗ) ସୁବାସ ହିଁ ଏ କାମ କରିପାରିବ ।

**୭) ସମ୍ବୋଧନାର୍ଥକ ଅବ୍ୟୟ :** ଏସବୁ ଅବ୍ୟୟ ସମ୍ବୋଧନବେଳେ ବା ସମ୍ବୋଧନ ଅର୍ଥରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ସମ୍ବୋଧନାର୍ଥକ ଅବ୍ୟୟ କୁହାଯାଏ । ଯେମିତିକି : ହେ, ରେ, ଲୋ, ଆହେ, ଆଲୋ ଇତ୍ୟାଦି ।

ଉଦାହରଣ –

କ) ଲୋ ରେବି ! ଲୋ ନିଆଁ ! ଲୋ ଚୂଲୀ (‘ରେବତୀ’ ଗଳ୍ପର ବାକ୍ୟ)

ଖ) ହେ ପ୍ରଭୁ ! ରକ୍ଷା କର ।

ଗ) ଆଲୋ ମିନି ! କୁଆଡ଼େ ଗଲୁ ?

**୮) ପ୍ରଶ୍ନବାଚକ ଅବ୍ୟୟ :**ଏସବୁ ଅବ୍ୟୟର ବ୍ୟବହାରରେ ପ୍ରଶ୍ନ ତିଆରି ହୋଇଥାଏ ବା ପ୍ରଶ୍ନ କରାଯାଏ । ତେଣୁ ଏହାର ନାମ ପ୍ରଶ୍ନବାଚକ ଅବ୍ୟୟ । ଯେମିତିକି କି, କ’ଣ, ତ, ପରା, ଟିକି ଇତ୍ୟାଦି ।

ଉଦାହରଣ –

କ) ଏହି ଟିକି ଆମ ଉତ୍କଳ ?

ଖ) ସେପରା ପଢୁଛି ?

ଗ ) କ’ଣ ଆଜି ଏତେ ଉଦାସ ?

**୯) ପରିମାଣସୂଚକ ଅବ୍ୟୟ** : ଏହି ଅବ୍ୟୟ ସବୁ ପରିମାଣ ସୂଚାଉ ଥିବାରୁ ଏଗୁଡ଼ିକୁ ପରିମାଣ ସୂଚକ ଅବ୍ୟୟ କୁହାଯାଇଥାଏ । ଯେମିତିକି : ଏତେ, ଯେତେ, ଏତିକି, ଯେତିକି, ତେତେ ଇତ୍ୟାଦି ।

ଉଦାହରଣ :

କ) ଏତେ ସପନକୁ ରାତି କାହିଁ ?

ଖ) ଯେତେ କହିଲେ ଭାଗବତ, ତୋଷ ନୋହିବ ମୋ’ର ଚିତ୍ତ ।

ଗ) ତୁମ ପାଖେ ମୋ’ର ଏତିକି ମାଗୁଣି ।

**୧୦) ନିଷେଧସୂଚକ ଅବ୍ୟୟ :** ଏସବୁ ଅବ୍ୟୟ ସାଧାରଣତଃ ନିଷେଧ ବା ନିବାରଣ ଅର୍ଥରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ନିଷେଧସୂଚକ ଅବ୍ୟୟ କୁହାଯାଏ । ଯେମିତିକି ନା, ନାଇଁ, ନାହିଁ, ନଚେତ୍, ନି ଇତ୍ୟାଦି ।

ଉଦାହରଣ :

କ) ସେ ଆଜି ଆସବନି ।

ଖ) ଏଠାରେ ଭଲ ଘର ନାହିଁ ।

ଗ) ତା’କୁ ଔଷଧ ଦିଅ, ନଚେତ୍ ତା’ ଦେହ ଆହୁରି ବିଗିଡ଼ିଯିବ ।

୧୧) **ହେତୁସୂଚକ ଅବ୍ୟୟ :** ଏହି ଅବ୍ୟୟ କାରଣ ବା ହେତୁକୁ ବୁଝାଇଥାଏ । ତେଣୁ ଏହାକୁ ହେତୁ ସୂଚକ ଅବ୍ୟୟ କୁହାଯାଏ । ସୁତରାଂ, ଅତଏବ, ଏଣୁ, ତେଣୁ, ଯେହେତୁ ଇତ୍ୟାଦି ହେତୁସୂଚକ ଅବ୍ୟୟ ।

ଉଦାହରଣ :

କ) ତା'ଦେହ ଖରାପ ସୁତରାଂ ସେ ଆସିଲା ନାହିଁ ।

ଖ) ଅତଏବ ସେମାନେ ଏକାଠି ବଣଭୋଜି କଲେ ।

ଗ) ଯେହେତୁ ପରୀକ୍ଷା ଥିଲା, ସେ ସିନେମା ଗଲାନି ।

୧୨) **ଆବେଗସୂଚକ ଅବ୍ୟୟ :** ଏସବୁ ଅବ୍ୟୟର ବ୍ୟବହାରରେ ମନର ଆନନ୍ଦ, ଦୁଃଖ, ଘୃଣା, ବିସ୍ମୟ, ସହାନୁଭୂତି ଆଦି ଆବେଗର ପ୍ରକାଶ କରାଯାଉଥିବାରୁ ଏଗୁଡ଼ିକୁ ଆବେଗ ସୂଚକ ବା ଭାବବାହୀ ଅବ୍ୟୟ କୁହାଯାଏ । ଯେମିତକିକି : ଆହା, ଓଃ, ଛି, ଆଃ, ସାବାସ୍, ହାୟ ଇତ୍ୟାଦି ।

ଉଦାହରଣ :

କ) ଆହା !ସେ ଏଥର ବି ସଫଳ ହେଲାନି ।

ଖ) ଓଃ ! କି ଗରମ ।

ଗ) ହାୟ !ଶେଷରେ ଏମିତି ହେବାକୁ ଥିଲା ।

୧୩) **ଧ୍ୱନିଦ୍ୟୋତକ ଅବ୍ୟୟ :** ଏସବୁ ଅବ୍ୟୟ ଧ୍ୱନି ବା ଶବ୍ଦର ଅନୁକରଣରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ଧ୍ୱନିଦ୍ୟୋତକ ବା ଶବ୍ଦାନୁକାରୀ ଅବ୍ୟୟ କୁହାଯାଏ । ଯେମିତିକି : କୁଳୁକୁଳୁ, ଫଡ଼ଫାଡ଼, କେଁ କଟର, ସର୍ ସର୍, ରୁଣୁଝୁଣୁ ଇତ୍ୟାଦି ।

ଉଦାହରଣ :

କ) ଝରଣାର କୁଳୁକୁଳୁ ନାଦ କି ମନୋରମ ।

ଖ) ଚମେଇମାନେ ଫଡ଼ଫାଡ଼ କରି ଉଡ଼ିଗଲେ ।

ଗ) ତା' ପାଉଁଜିର ରୁଣୁଝୁଣୁ ସ୍ୱର ବଡ଼ ମନ ମତାଣିଆ ।

୧୪) **ସମ୍ମତିସୂଚକ ଅବ୍ୟୟ :** ରାଜି ବା ସମ୍ମତି ଅର୍ଥରେ ଏହି ଅବ୍ୟୟର ପ୍ରୟୋଗ ହେଉଥିବାରୁ ଏହାକୁ ସମ୍ମତିସୂଚକ ଅବ୍ୟୟ କୁହାଯାଏ । ଯେମିତିକି : ହଁ, ହାଁ, ହୁଁ, ଅବଶ୍ୟ, ନିଶ୍ଚୟ ଇତ୍ୟାଦି ।

ଉଦାହରଣ :

କ) ହଁ ସେ ସଭାକୁ ଯିବାକୁ ରାଜି ହୋଇଛି ।

ଖ) ଆଜି ଅବଶ୍ୟ ଆମେ ଯିବା ।

ଗ) ଏଥର ନିଶ୍ଚୟ ବହି ପଢ଼ିବି ।

୧୫) **ସାମ୍ୟବୋଧକ ଅବ୍ୟୟ :** ଏସବୁ ଅବ୍ୟୟର ବ୍ୟବହାରରେ ସାମ୍ୟବୋଧ ସୃଷ୍ଟି ହୁଏ । ଯେମିତକି : ଯଥା, ତଥା, ଏପରି, କିପରି, ଏମନ୍ତେ ଇତ୍ୟାଦି । ଉଦାହରଣ –

କ) ଏମନ୍ତେ ଅକ୍ଷରରେ ଲେଖିଲେ ଭଲ ହେବ ।

ଖ) ତା'ଭଳି ବନ୍ଧୁକୁ କିପରିଭୁଲିହେବ ?

ଗ) ଏପରି ଘଟିବାର ଥିଲେ, ସେ ଆସି ନଥାନ୍ତା ।

**ଏଥର ମନେରଖ –**

ବାକ୍ୟରେ ଯେଉଁ ପଦର ପରିବର୍ତ୍ତନ ହୁଏ ନାହିଁ, ତାହାକୁ ଅବ୍ୟୟ କୁହାଯାଏ ।

ଯେଉଁ ପଦମାନଙ୍କର ଲିଙ୍ଗ, ବିଭକ୍ତି, ବଚନ, ପୁରୁଷ ବା କାଳରେ କିଛି ପରିବର୍ତ୍ତନ ହୁଏ ନାହିଁ, ସେହି ପଦଗୁଡ଼ିକୁ ଅବ୍ୟୟ କୁହାଯାଏ ।

## ୪.୨.୨ ଉପସର୍ଗ :

ଯେଉଁ ଅବ୍ୟୟ ପଦଗୁଡ଼ିକ ଧାତୁ ପୂର୍ବରୁ ବା ଧାତୁଜ ଶବ୍ଦ ପୂର୍ବରୁ ଯୋଡ଼ି ହୋଇ ନୂଆ ଶବ୍ଦ ସୃଷ୍ଟି କରିଥାନ୍ତି; ସେଗୁଡ଼ିକୁ ଉପସର୍ଗ କୁହାଯାଇଥାଏ । ଏହି ଉପସର୍ଗର ସଂଖ୍ୟା କୋଡ଼ିଏ । ଯଥା : ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ନିର୍(ନିଃ), ଉତ୍, ପରି, ପ୍ରତି, ଅବ, ଅନୁ, ଦୁର୍(ଦୁଃ), ବି, ଅଭି, ଅତି, ଅପି, ଉପ ଓ ଆ । ଉପସର୍ଗ ଶବ୍ଦଟି 'ସୃଜ୍' ଧାତୁରୁ ନିଷ୍ପନ୍ନ (ଉପ-ସୃଜ୍-ଅ) । ଏହି ଧାତୁର ଅର୍ଥ ହେଉଛି ସର୍ଜନା କରିବା ବା ସୃଷ୍ଟି କରିବା ବା ଗଢ଼ିବା । ତେଣୁ ଉପସର୍ଗ ନୂଆ ନୂଆ ଶବ୍ଦ ସୃଷ୍ଟି କରିଥାଏ, ଗଢ଼ିଥାଏ ବା ସର୍ଜନା କରିଥାଏ । ସଂସ୍କୃତ ଭାଷାରେ ପ୍ରଚଳିତ ସମୁଦାୟ କୋଡ଼ିଏଟି ଉପସର୍ଗ ଆଧାରରେ ଓଡ଼ିଆ ଶବ୍ଦକୁ ବିଚାର କରାଯାଏ ।

ଉଦାହରଣ :

୧) 'ପ୍ର' (ଏହି ଉପସର୍ଗଟି ଉତ୍କର୍ଷ, ଉଦ୍‌ଭବ, ଗତି ଆଧିକ୍ୟ, ସର୍ବତୋଭାବ ଆଦି ଅର୍ଥରେ ବ୍ୟବହାର କରାଯାଏ )

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ପ୍ରକୋପ | ପ୍ର-କୁପ୍-ଅ | ଅତିଶୟ କ୍ରୋଧ |
| ପ୍ରଗତି | ପ୍ର-ଗମ୍-ଅ | କ୍ରମଶଃ ଉନ୍ନତି |
| ପ୍ରଦାନ | ପ୍ର-ଦା-ଅନ | ଦେବା |
| ପ୍ରଚଣ୍ଡ | ପ୍ର-ଚଣ୍ଡ୍-ଅ | ପ୍ରବଳ |

୨) **'ପରା'** (ଏହି ଉପସର୍ଗଟି ପ୍ରାଧାନ୍ୟ, ବ୍ୟତିକ୍ରମ, ବିପରୀତ, ନିନ୍ଦା ଓ ତିରସ୍କାର ଅର୍ଥରେ ବ୍ୟବହାର କରାଯାଏ)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ପରାସ୍ତ | ପରା-ଅସ୍-ତ | ପରାଜିତ |
| ପରାମର୍ଶ | ପରା-ମୃଶ୍-ଅ | ବିଚାର/ଆଲୋଚନା |
| ପରାକ୍ରମ | ପରା-କ୍ରମ୍-ଅ | ଶକ୍ତି / ସାମର୍ଥ୍ୟ |
| ପରାହତ | ପରା-ହନ୍-ତ | ବ୍ୟାହତ |

୩) **'ଅପ୍'** (ଏହି ଉଦସର୍ଗଟି ସାଧାରଣତଃ କୁତ୍ସିତ, ବିରୋଧ, ଅପକୃଷ୍ଟ, ବିପରୀତ ଅର୍ଥରେ ବ୍ୟବହାର କରାଯାଏ)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅପବାଦ | ଅପ୍-ବଦ୍-ଅ | ଦୁର୍ନାମ |
| ଅପକାର | ଅପ୍-କୃ-ଅ | ଅନିଷ୍ଟ |
| ଅପମାନ | ଅପ୍-ମାନ୍-ଅ | ମାନହାନି |
| ଅପକର୍ଷ | ଅପ୍-କୃଷ୍-ଅ | ନିକୃଷ୍ଟ |

୪) **'ସମ୍'** (ଏହି ଉପସର୍ଗଟି ସମ୍ୟକ୍, ସହିତ, ସଂହତି, ନିକଟ ଓ ଆଭିମୁଖ୍ୟ ଅର୍ଥରେ ବ୍ୟବହାର କରାଯାଏ)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ସମ୍ବାଦ | ସମ୍-ବଦ୍-ଅ | ଖବର |
| ସନ୍ତାପ | ସମ୍-ତପ୍-ଅ | ମନସ୍ତାପ |
| ସଂଯୋଗ | ସମ୍-ଯୁଜ୍-ଅ | ମିଳନ |
| ସଂସାର | ସମ୍-ସୃ-ଅ | ଜଗତ |

୫) **'ନି'** (ଏହି ଉପସର୍ଗ ଏକ ନାସ୍ତିସୂଚକ ଉପସର୍ଗ । ଏହା ମଧ୍ୟ ଆଧିକ୍ୟ, ସମୀପ, ସମ୍ୟକ୍, ସାଦୃଶ୍ୟ ଓ କୁତ୍ସିତ ଅର୍ଥରେ ବ୍ୟବହାର କରାଯାଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ନିପୁଣ | ନି-ପୁଣ୍-ଅ | କୁଶଳ/ଅଭିଜ୍ଞ |
| ନିକୃଷ୍ଟ | ନି-କୃଷ୍-ଅ | ମନ୍ଦ / ଖରାପ |
| ନିବାରଣ | ନି - ବାର୍ - ଅନ | ନିଷେଧ |
| ନିଗ୍ରହ | ନି-ଗ୍ରହ୍-ଅ | ପୀଡ଼ନ |

୬) **'ଅଧି'**(ଏହି ଉପସର୍ଗ ପ୍ରାଧାନ୍ୟ, ଶ୍ରେଷ୍ଠ, ଆଧିକ୍ୟ, ଅଧିକାର ଓ ସମ୍ବନ୍ଧୀୟ ଅର୍ଥରେ ବ୍ୟବହାର କରାଯାଏ )

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅଧିକାର | ଅଧି-କୃ-ଅ | ଦାବି |
| ଅଧିବାସୀ | ଅଧି-ବସ୍-ଇନ୍ | ବାସିନ୍ଦା |
| ଅଧିମାସ | ଅଧି-ମାସ | ମଳମାସ |
| ଅଧିନାୟକ | ଅଧି-ନୀ-ଅକ | ପରିଚାଳକ |

୭) **'ସୁ'** (ଏହି ଉପସର୍ଗଟି ସହଜ, ସୁନ୍ଦର, ମଙ୍ଗଳ, ଅଧିକ ଓ ଅନାୟାସ ଅର୍ଥରେ ବ୍ୟବହାର କରାଯାଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ସୁଗମ | ସୁ-ଗମ୍-ଅ | ସହଜରେଯାଇ ହେଉଥିବା |
| ସୁନାମ | ସୁ-ନାମ | ପ୍ରଶଂସା |
| ସୁଶୀଳ | ସୁ-ଶୀଳ | ଭଦ୍ର |
| ସୁବାସ- | ସୁ-ବାସ | ସୌରଭ / ମହକ |

୮) **'ନିର୍'** (ଏହି ଉପସର୍ଗକୁ ଆମେ ଅଭାବ, ଅତିଶୟ, ବାହାର, ନିଶ୍ଚୟ ଓ ନିଃଶେଷ ଅର୍ଥରେ ବ୍ୟବହାର କରିଥାଉ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ନିର୍ମଳ | ନିର୍-ମଳ | ସ୍ୱଚ୍ଛ / ସଫା |
| ନିର୍ଜନ | ନିର୍-ଜନ୍-ଅ | ଜନଶୂନ୍ୟ/ ନିଛାଟିଆ |
| ନିର୍ଜଳ | ନିର୍-ଜଳ-ଅ | ଜଳଶୂନ୍ୟ / ଉପାସ |
| ନିର୍ଲେପ | ନିର୍-ଲିପ୍-ଅ | ଅନାସକ୍ତ |

୯) **'ଦୁର୍'** (ଏହି ଉପସର୍ଗଟି ଦୁଃଖ, କଷ୍ଟ, ନିନ୍ଦା, ମନ୍ଦ, ନିଷିଦ୍ଧ ଆଦି ଅର୍ଥରେ ବ୍ୟବହାର କରାଯାଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଦୁର୍ଗନ୍ଧ | ଦୁର୍-ଗନ୍ଧ | ଖରାପ ବାସ୍ନା / ଖରାପ ଗନ୍ଧ |
| ଦୁର୍ମୂଲ୍ୟ | ଦୁର୍-ମୂଲ୍ୟ | ମହାର୍ଘ |
| ଦୁର୍ଭାଗ୍ୟ | ଦୁର୍-ଭାଗ୍ୟ | ଖରାପ ଭାଗ୍ୟ |
| ଦୁର୍ଜନ | ଦୁର୍-ଜନ | ଖଳ ଲୋକ / ଖରାପ ଲୋକ |

୧୦) **'ଉତ୍'** (ଏହି ଉପସର୍ଗଟି ଅଭାବ, ଅକସ୍ମାତ୍, ଅତିଶୟ, ଉତ୍କର୍ଷ, ବିରୋଧ ଓ ନିନ୍ଦା ଅର୍ଥରେ ବ୍ୟବହାର ହୁଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଉତ୍କଳ | ଉତ୍-କଳ-ଅ | ଓଡ଼ିଶା,ଉତ୍କୃଷ୍ଟ କଳାର ଦେଶ |
| ଉତ୍କୋଚ | ଉତ୍-କୁଚ୍-ଅ | ଲାଞ୍ଚ |
| ଉନ୍ନତ | ଉତ୍-ନମ୍-ତ | ଉଚ୍ଚ |
| ଉଦାସୀନ | ଉତ୍-ଆସ୍-ଇନ୍ | ଅନାସକ୍ତ |

୧୧. **'ଅତି'** (ଏହି ଉପସର୍ଗଟି ଅସୀମ, ଅନୁଚିତ, ଆଧିକ୍ୟ ଓ ଆତିଶଯ୍ୟ ଆଦି ଅର୍ଥରେ ବ୍ୟବହାର କରାଯାଏ ।)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅତିକ୍ରମ | ଅତି-କ୍ରମ୍-ଅ | ଲଙ୍ଘନ |
| ଅତୀତ | ଅତି-ଇ-ତ | ଗତ / ପୂର୍ବ |
| ଅତିଶୟ | ଅତି-ଶୀ-ଅ | ଅତ୍ୟନ୍ତ / ଖୁବ୍ |
| ଅତ୍ୟଧିକ | ଅତି-ଅଧିକ | ବହୁତ ବେଶି |

୧୨) **'ପରି'** (ଏହି ଉପସର୍ଗଟି ଅତିଶୟ, ବ୍ୟାପ୍ତି, ସମ୍ୟକ୍, ଚତୁର୍ଦ୍ଦିଗ, କ୍ରମଶଃ, ସର୍ବତ୍ର ଆଦି ଅର୍ଥରେ ବ୍ୟବହାର କରାଯାଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ପରିଶ୍ରମ | ପରି-ଶ୍ରମ-ଅ | ଖଟଣି |
| ପରିଣୟ | ପରି-ନୀ-ଅ | ବାହାଘର / ବିବାହ |
| ପରିଚର୍ଯ୍ୟା | ପରି-ଚର୍-ଯ-ଆ | ସେବା |
| ପରିକଳ୍ପନା | ପରି-କଳ୍ପ-ଅନ-ଆ | ଯୋଜନା |

୧୩) **'ପ୍ରତି'** (ଏହି ଉପସର୍ଗଟି ସମାନ, ପରିବର୍ତ୍ତନ, ସମୀପ, ସାଦୃଶ୍ୟ, ବିପରୀତ, ବିରୋଧ, ପଶ୍ଚାତ୍, ପ୍ରତ୍ୟେକ ଆଦି ଅର୍ଥରେ ବ୍ୟବହାର ହୁଏ ।)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ପ୍ରତିକୂଳ | ପ୍ରତି-କୂଳ | ବିପକ୍ଷ / ବିରୁଦ୍ଧ |
| ପ୍ରତିପକ୍ଷ | ପ୍ରତି-ପକ୍ଷ | ବିପକ୍ଷ |
| ପ୍ରତିକୃତି | ପ୍ରତି-କୃ-ତି | ପ୍ରତିମା / ମୂର୍ତ୍ତି |
| ପ୍ରତିଧ୍ୱନି | ପ୍ରତି-ଧ୍ୱନ୍-ଇ | ପ୍ରତିଶବ୍ଦ |

୧୪) **'ଅବ'** (ଏହି ଉପସର୍ଗଟି ସମାନ, ଅତ୍ୟନ୍ତ, ଘୃଣା, ନିଶ୍ଚୟ ଓ ଅଧୋଗତି ଅର୍ଥରେ ବ୍ୟବହାର କରାଯାଇଥାଏ)

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅବରୋଧ | ଅବ-ରୁଧ୍-ଅ | ଅଟକ |
| ଅବଗତି | ଅବ-ଗମ୍-ତି | ଜଣାଇବା |
| ଅବତରଣ | ଅବ-ତୃ-ଅନ | ଓହ୍ଲାଇବା |
| ଅବନତି | ଅବ-ନମ୍-ତି | ଅଧୋଗତି |

୧୫) **'ଅନୁ'** (ଏହି ଉପସର୍ଗଟି ସହିତ, ସମୀପ, ସମ୍ୟକ୍, ପଶ୍ଚାତ ଓ ହୀନ ଅର୍ଥରେ ବ୍ୟବହାର କରାଯାଏ)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅନୁରୂପ | ଅନୁ-ରୂପ | ସଦୃଶ / ସେହିଭଳି |
| ଅନୁଜ | ଅନୁ-ଜନ୍-ଅ | ସାନଭାଇ |
| ଅନୁକୂଳ | ଅନୁ-କୂଳ୍-ଅ | ସହାୟ |
| ଅନୁତାପ | ଅନୁ-ତପ୍-ଅ | ପଶ୍ଚାତାପ |

୧୬) **'ବି'** (ଏହି ଉପସର୍ଗଟି ବହୁ, ଭିନ୍ନ, ପରସ୍ପର, ବିପରୀତ ଅର୍ଥରେ ବ୍ୟବହାର ହୁଏ ।)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ବିଫଳ | ବି-ଫଳ୍ | ବ୍ୟର୍ଥ |
| ବିବିଧ | ବି-ବିଧ | ନାନାପ୍ରକାର |
| ବିଖ୍ୟାତ | ବି-ଖ୍ୟା-ତ | ପ୍ରସିଦ୍ଧ |
| ବିଜାତି | ବି-ଜାତି | ଭିନ୍ନଜାତି |

୧୭) **'ଅଭି'** (ଏହା ଅପକୃଷ୍ଟ, ଉତ୍ତମ, ସମ୍ମୁଖ ଓ ପୁନଃପୁନଃ ଆଦି ଅର୍ଥରେ ବ୍ୟବହାର କରାଯାଇଥାଏ ।)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅଭିଜାତ | ଅଭି-ଜନ୍-ତ | କୁଳୀନ / ଶ୍ରେଷ୍ଠ |
| ଅଭିଧାନ | ଅଭି - ଧା - ଅନ | ଶବ୍ଦକୋଷ |
| ଅଭିଜ୍ଞ | ଅଭି-ଜ୍ଞା-ଅ | ନିପୁଣ / କୁଶଳ |
| ଅଭିଭାଷଣ | ଅଭି-ଭାଷ୍-ଅନ | ସମ୍ଭାଷଣ / ବକ୍ତବ୍ୟ |

୧୮) **'ଉପ'** (ଏହା ଆଧିକ୍ୟ, ନିକଟ, ଘୃଣା, ସାହାଯ୍ୟ, ସାଦୃଶ୍ୟ ଆଦି ଅର୍ଥରେ ବ୍ୟବହାର କରାଯାଇଥାଏ ।)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଉପକଣ୍ଠ | ଉପ-କଣ୍ଠ | ନିକଟ / ପାଖ |
| ଉପବନ | ଉପ-ବନ | ବଗିଚା / ବାଟିକା |
| ଉପକାର | ଉପ-କୃ-ଅ | କଲ୍ୟାଣ / ସାହାଯ୍ୟ |
| ଉପକରଣ | ଉପ-କୃ-ଅନ | ସରଞ୍ଜାମ / ଜିନିଷ |

୧୯. **'ଅପି'** (ଏହି ଉପସର୍ଗଟି ଓଡ଼ିଆ ଭାଷାରେ ଖୁବ୍ କମ୍ ବ୍ୟବହାର ହୁଏ । ଏହା ମୁଖ୍ୟତଃ ଭୂଷଣ ଅର୍ଥରେ ବ୍ୟବହାର କରାଯାଏ)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅପିଚ | ଅପି - ଚ | ଅଧିକନ୍ତୁ |
| ଅପିଧାନ | ଅପି-ଧା-ଅନ | ଆଚ୍ଛାଦନ |

୨୦) **'ଆ'** (ଏହି ଉପସର୍ଗ ଈଷତ୍, ବିପରୀତ, ସୀମା, ସମ୍ୟକ୍, ପର୍ଯ୍ୟନ୍ତ ଆଦି ଅର୍ଥରେ ବ୍ୟବହାର କରାଯାଇଥାଏ ।)

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଆଗମନ | ଆ-ଗମ-ଅନ | ଆସିବା |

| | | |
|---|---|---|
| ଆପାଦ | ଆ-ପାଦ | ପାଦଠାରୁ |
| ଆକର୍ଷଣ | ଆ-କୃଷ୍-ଅନ | ଟାଣିବା, ଆକୃଷ୍ଟ କରିବା |
| ଆଜୀବନ | ଆ-ଜୀବନ | ସାରାଜୀବନ / ସମଗ୍ର ଜୀବନ |

**କେତୋଟି କଥା ମନେରଖ –**

- ଉପସର୍ଗ ବ୍ୟବହାର ଫଳରେ ଭାଷା ସରସ, ସୁନ୍ଦର ହୋଇଥାଏ ।
- ଉପସର୍ଗ ଦ୍ୱାରା ମୂଳଅର୍ଥ, ବୈଶିଷ୍ଟ୍ୟଯୁକ୍ତ ହୋଇଥାଏ ।
- ଉପସର୍ଗ ଦ୍ୱାରା ମୂଳଅର୍ଥକୁ ଅନୁକରଣ କରାଯାଇଥାଏ ।
- ଉପସର୍ଗ ଦ୍ୱାରା ମୂଳ ଅର୍ଥରେ ବାଧା ଅଣାଯାଇଥାଏ ।
- ମୂଳ ଧାତୁ ବା ଶବ୍ଦ ସହିତ ବିଭିନ୍ନ ଉପସର୍ଗ ସଂଯୁକ୍ତ ନୂଆ ଶବ୍ଦ ସୃଷ୍ଟି କରିବା ସହ ଅର୍ଥଗତ ପରିବର୍ତ୍ତନ ମଧ୍ୟ କରିଥାଏ ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

- ଉପସର୍ଗ କହିଲେ ତୁମେ କ'ଣ ବୁଝ ?
- ଆମ ଭାଷାରେ ବ୍ୟବହାର କରାଯାଉଥିବା ଉପସର୍ଗ ଗୁଡ଼ିକ କ'ଣ କ'ଣ ?
- ଉପସର୍ଗ ଦ୍ୱାରା କେମିତି ମୂଳ ଅର୍ଥରେ ପରିବର୍ତ୍ତନ ହୋଇଥାଏ ଉଦାହରଣ ସହ ବୁଝାଇ ଲେଖ ।
- ଉପସର୍ଗ ଦ୍ୱାରା ଗଠିତ ନୂଆ ଶବ୍ଦ କେମିତି ମୂଳ ଅର୍ଥକୁ ଅନୁକରଣ କରେ ବୁଝାଇଲେଖ ।
- ନିମ୍ନଲିଖିତ ଉପସର୍ଗ ଯୋଗକରି ଦୁଇଟି ଲେଖାଏଁ ଶବ୍ଦ ଗଠନ କର ।

  ଅପ୍, ସମ୍, ନି, ସୁ, ଦୁର୍, ଉତ୍, ପ୍ରତି, ବି, ଅଭି, ଆ ।
- ନିମ୍ନଲିଖିତ ପ୍ରକୃତି ପ୍ରତ୍ୟୟରୁ ସୃଷ୍ଟ ଶବ୍ଦଗୁଡ଼ିକୁ ଲେଖ ।

  ପ୍ର-ଦା-ଅନ, ସମ୍-ବଦ୍-ଅ, ଅଧି-ମାସ, ନିର୍-ଜନ୍-ଅ, ଉତ୍-କଳ-ଅ, ଅତି-ଇ-ତ, ପରି-ଶ୍ରମ-ଅ, ବି-ଫଳ, ଅବ-ଗମ୍-ତି, ବି-ଖ୍ୟା-ତ, ଉପ-କଣ୍ଠ, ଆ-ପଦ, ପ୍ର-କୁପ୍-ଅ, ଅପ-କୃଷ୍-ଅ, ନି-ବାର୍-ଅନ ।

### ସମ୍ଭାବ୍ୟ ଉତ୍ତର :

- ଉପସର୍ଗ କହିଲେ ଆମେ ବୁଝୁ, ଯେଉଁ ଅବ୍ୟୟ ପଦଗୁଡ଼ିକ ଧାତୁ ପୂର୍ବରୁ ବା ଧାତୁଜ ଶବ୍ଦ ପୂର୍ବରୁ ଯୋଡ଼ି ହୋଇ ନୂଆ ଶବ୍ଦ ଗଠନ କରିଥା'ନ୍ତି ସେହି ଅବ୍ୟୟଗୁଡ଼ିକର ନାମ ।
- ଆମ ଭାଷାରେ ସମୁଦାୟ କୋଡ଼ିଏଟି ଉପସର୍ଗ ବ୍ୟବହାର କରାଯାଇଥାଏ । ସେଗୁଡ଼ିକ ହେଲା, ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ନିର୍(ନିଃ), ଉତ୍, ପରି, ପ୍ରତି, ଅବ, ଅନୁ, ଦୁର୍(ଦୁଃ), ବି, ଅଭି, ଅତି, ଅପି, ଉପ ଓ ଆ ।
- ଉପସର୍ଗ ଦ୍ୱାରା ଖାଲି ନୂଆ ଶବ୍ଦ ଗଠିତ ହୋଇ ନଥାଏ, ମୂଳ ଅର୍ଥରେ ମଧ୍ୟ ପରିବର୍ତ୍ତନ ହୋଇଥିଶା ଉଦାହରଣ-

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଆଗମନ | ଆ-ଗମ୍-ନ | ଆସିବା |
| ଦୁର୍ଗମ | ଦୁର୍-ଗମ୍-ଅ | ଅତି କଷ୍ଟରେ ଯିବା |
| ପ୍ରତ୍ୟାଗମନ | ପ୍ରତି-ଆ-ଗମ୍-ଅନ | ଫେରିବା |

ଏହିସବୁ ଶବ୍ଦ ଗୁଡ଼ିକର ମୂଳ ଧାତୁ ହେଉଛି 'ଗମ୍', ଏହାର ଅର୍ଥ ଗମନ କରିବା ବା ଯିବା । ତେବେ ଉପରଲିଖିତ ତିନୋଟି ଶବ୍ଦ ଆସିବା, ଅତି କଷ୍ଟରେ ଯିବା ବା ଗମନ କରିବା ଓ ଫେରିବା ଆଦି ପରିବର୍ତ୍ତିତ ଅର୍ଥରେ ବ୍ୟବହାର ହୋଇଛି ।

- ଉପସର୍ଗ ଦ୍ୱାରା ଗଠିତ ନୂଆ ଶବ୍ଦ ମୂଳ ଅର୍ଥକୁ ଅନୁକରଣ କରିଥାଏ । ଉଦାହରଣ- 'କୃ' ଧାତୁ । ଏହାର ଅର୍ଥ ହେଉଛି କରିବା । ତେବେ ଏହି ଧାତୁ ସହିତ 'ଅନୁ' ଉପସର୍ଗ ଯୋଗ ହୋଇ ଗଠିତ ହୋଇଥାଏ - 'ଅନୁକରଣ' । ଏହାର ଅର୍ଥ ସଦୃଶ ଆଚରଣ, ନକଲକରଣ ଅର୍ଥାତ୍ ଏହି ନୂଆ ଶବ୍ଦଟି ମୂଳଧାତୁର ଅର୍ଥକୁ ଅନୁକରଣ କରୁଛି ।
- ଉପସର୍ଗ ଯୋଗ କରି ଦୁଇଟି ଲେଖାଏଁ ଶବ୍ଦ -

| | | | |
|---|---|---|---|
| ଅପ୍- | ଅପ୍-ବଦ୍-ଅ | = | ଅପବାଦ (ଦୁର୍ନାମ) |
| | ଅପ୍-କୃଷ୍-ଅ | = | ଅପକର୍ଷ (ନିକୃଷ୍ଟ) |
| ସମ୍- | ସମ୍-ତପ୍-ଅ | = | ସନ୍ତାପ (ମନସ୍ତାପ) |
| | ସମ୍-ସୃ-ଅ | = | ସଂସାର (ଜଗତ) |
| ନି- | ନି-ପୁଣ୍-ଅ | = | ନିପୁଣ (ଅଭିଜ୍ଞ) |
| | ନି-ଗ୍ରହ୍-ଅ | = | ନିଗ୍ରହ (ପୀଡ଼ନ) |
| ସୁ- | ସୁ-ନାମ | = | ସୁନାମ (ପ୍ରଶଂସା) |
| | ସୁ-ବାସ | = | ସୁବାସ (ମହକ/ବାସ୍ନା) |
| ଦୁର୍- | ଦୁର୍-ମୂଲ୍ୟ | = | ଦୁର୍ମୂଲ୍ୟ (ଦାମୀ/ମହାର୍ଘ) |
| | ଦୁର୍-ଜନ | = | ଦୁର୍ଜନ (ଖଳ ଲୋକ / ଖରାପ ଲୋକ) |
| ଉତ୍- | ଉତ୍-କଳ-ଅ | = | ଉତ୍କଳ (ଓଡ଼ିଶା) |
| | ଉତ୍-ନମ୍-ତ | = | ଉନ୍ନତ (ଉଚ୍ଚ) |
| ପ୍ରତି- | ପ୍ରତି-ପକ୍ଷ | = | ପ୍ରତିପକ୍ଷ (ବିପକ୍ଷ) |
| | ପ୍ରତି-କୃ-ତି | = | ପ୍ରତିକୃତି (ପ୍ରତିମା / ମୂର୍ତ୍ତି) |
| ବି- | ବି-ଖ୍ୟା-ତ | = | ବିଖ୍ୟାତ (ପ୍ରସିଦ୍ଧ) |
| | ବି-ବିଧ | = | ବିବିଧ (ନାନାପ୍ରକାର) |
| ଅଭି- | ଅଭି-ଧା-ଅନ | = | ଅଭିଧାନ (ଶବ୍ଦକୋଷ) |
| | ଅଭି-ଜ୍ଞା-ଅ | = | ଅଭିଜ୍ଞ (ନିପୁଣ) |
| ଆ | ଆ-ପାଦ | = | ଆପାଦ (ପାଦ ଠାରୁ) |
| | ଆ-ଜୀବନ | = | ଆଜୀବନ (ସାରାଜୀବନ) |

**ପ୍ରକୃତି ପ୍ରତ୍ୟୟରୁ ସୃଷ୍ଟ ଶବ୍ଦ -**

| | |
|---|---|
| ପ୍ର-ଦା-ଅନ | = ପ୍ରଦାନ |
| ସମ୍-ବଦ୍-ଅ | = ସମ୍ବାଦ |
| ଅଧି-ମାସ | = ଅଧିମାସ |
| ନିର୍-ଜନ୍-ଅ | = ନିର୍ଜନ |
| ଉତ୍-କଳ-ଅ | = ଉତ୍କଳ |
| ଅତି-ଇ-ତ | = ଅତୀତ |
| ପରି-ଶ୍ରମ-ଅ | = ପରିଶ୍ରମ |
| ବି-ଫଳ | = ବିଫଳ |
| ଅବ-ଗମ୍-ତି | = ଅବନତି |
| ବି-ଖ୍ୟା-ତ | = ବିଖ୍ୟାତ |

ଉପ-କଣ୍ଠ = ଉପକଣ୍ଠ

ଆ-ପାଦ = ଆପାଦ

ପ୍ର-କୁପ୍-ଅ = ପ୍ରକୋପ

ଅପ୍-କୃଷ୍-ଅ = ଅପକର୍ଷ

ନି-ବାର୍-ଅନ = ନିବାରଣ

## ୪.୨.୩ ସମାସ :

'ସମାସ' କହିଲେ ଆମେ ବୁଝିବା ଯେ, ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ଦୁଇରୁ ଅଧିକ ପଦକୁ ଏକ ପଦରେ ପରିଣତ କରିବାର ନାମ, ସମାସ ପରସ୍ପର ସମ୍ବନ୍ଧ ଥିବା ଏକାଧିକ ପଦକୁ ଏକପଦ କରିଥାଏ । ସମାସ, ସଂକ୍ଷେପରେ ଭାବପ୍ରକାଶ କରିଥାଏ ।

ଅର୍ଥର ପ୍ରାଧାନ୍ୟ ଦୃଷ୍ଟିରୁ ସମାସକୁ ସାଧାରଣତଃ ଛଅ ଭାଗରେ ବିଭକ୍ତ କରାଯାଇଥାଏ । ଯଥା :

୧) ତତ୍ ପୁରୁଷ ସମାସ

୨) କର୍ମଧାରୟ ସମାସ

୩) ଦ୍ୱିଗୁ ସମାସ

୪) ଦ୍ୱନ୍ଦ୍ୱ ସମାସ

୫) ବହୁବ୍ରୀହି ସମାସ

୬) ଅବ୍ୟୟୀଭାବ ସମାସ

**୧) ତତ୍‌ପୁରୁଷ ସମାସ -** ଦ୍ୱିତୀୟଠାରୁ ସପ୍ତମୀ ପର୍ଯ୍ୟନ୍ତ ବିଭକ୍ତି ଯୁକ୍ତ ବିଶେଷ୍ୟ ପଦ ସହିତ ବିଶେଷ୍ୟ କିମ୍ବା ବିଶେଷଣ ପଦର ସମାସ ହୋଇ ପର ପଦର ଅର୍ଥର ପ୍ରାଧାନ୍ୟ ଯଦି ରହେ, ତେବେ ତତ୍‌ପୁରୁଷ ସମାସ ହୋଇଥାଏ । ପୂର୍ବପଦର ବିଭକ୍ତିକୁ ନେଇ ଏହି ସମାସ ଛଅ ପ୍ରକାରର-ଦ୍ୱିତୀୟା ତତ୍‌ପୁରୁଷ, ତୃତୀୟା ତତ୍‌ପୁରୁଷ, ଚତୁର୍ଥୀ ତତ୍‌ପୁରୁଷ, ପଞ୍ଚମୀ ତତ୍‌ପୁରୁଷ, ଷଷ୍ଠୀ ତତ୍‌ପୁରୁଷ ଓ ସପ୍ତମୀ ତତ୍‌ପୁରୁଷ ।

**ଦ୍ୱିତୀୟା ତତ୍‌ପୁରଷ -** ପୂର୍ବ ପଦରେ ଥିବା ଦ୍ୱିତୀୟ ବିଭକ୍ତିର ଲୋପ ହୋଇଯେଉଁ ସମାସ ହୁଏ, ତାହାକୁ ଦ୍ୱିତୀୟା ତତ୍‌ପୁରୁଷ ସମାସ କହନ୍ତି । ଉଦାହରଣ -

ମନକୁ ଛୁଆଁ = ମନଛୁଆଁ

ଘରକୁ ମୁହାଁ= ଘର ମୁହାଁ

ଚରଣକୁ ଆଶ୍ରିତ = ଚରଣାଶ୍ରିତ

କାଳକୁ ଅତୀତ = କାଳାତୀତ

ବିଦ୍ୟାକୁ ପ୍ରାପ୍ତି= ବିଦ୍ୟାପ୍ରାପ୍ତି

**ତୃତୀୟା ତତ୍‌ପୁରୁଷ -**

ପୂର୍ବ ପଦର ତୃତୀୟା ବିଭକ୍ତିର ଲୋପ ହୋଇ ଯେଉଁ ତତ୍‌ପୁରୁଷ ସମାସ ହୁଏ, ତାହାକୁ ତୃତୀୟା ତତ୍‌ପୁରୁଷ ସମାସ କୁହାଯାଏ । ଉଦାହରଣ -

ବିଦ୍ୟାରେ ହୀନ = ବିଦ୍ୟାହୀନ

ଭାଲୁଦ୍ୱାରା ଖିଆ = ଭାଲୁଖିଆ

ବ୍ୟାଧିରେ ପୀଡ଼ିତ = ବ୍ୟାଧିପୀଡିତ

ଅଗ୍ନିରେ ଦଗ୍ଧ = ଅଗ୍ନିଦଗ୍ଧ

ଶରଦ୍ୱାରା ଆହତ = ଶରାହତ

**ଚତୁର୍ଥୀ ତତ୍‌ପୁରୁଷ -**

ପୂର୍ବ ପଦରେ ଥିବା ଚତୁର୍ଥୀ ବିଭକ୍ତିର ଲୋପ ହୋଇ ଯେଉଁ ତତ୍‌ପୁରୁଷ ସମାସ ହୁଏ, ତାହାକୁ ଚତୁର୍ଥୀ ତତ୍‌ପୁରୁଷ ସମାସ କୁହାଯାଏ । ଉଦାହରଣ -

ବ୍ରାହ୍ମଣଙ୍କୁ ଦେୟ = ବ୍ରାହ୍ମଣ ଦେୟ

ଦେବଙ୍କୁ ଅର୍ପିତ = ଦେବାର୍ପିତ

ପୁତ୍ର ନିମିତ୍ତ ଶୋକ = ପୁତ୍ରଶୋକ

ରଙ୍ଗ ନିମିତ୍ତ ମଞ୍ଚ = ରଙ୍ଗମଞ୍ଚ

ପିଇବା ପାଇଁ ପାଣି = ପିଇବାପାଣି

**ପଞ୍ଚମୀ ତତ୍‌ପୁରୁଷ -**

ପୂର୍ବ ପଦର ପଞ୍ଚମୀ ବିଭକ୍ତିର ଲୋପ ହୋଇ ଯେଉଁ ତତ୍‌ପୁରୁଷ ସମାସ ହୁଏ, ତାହାକୁ ପଞ୍ଚମୀ ତତ୍‌ପୁରୁଷ ସମାସ କହନ୍ତି । ଉଦାହରଣ -

ବିଦେଶରୁ ଆଗତ = ବିଦେଶାଗତ

ଜନ୍ମରୁ ଅନ୍ଧ = ଜନ୍ମାନ୍ଧ

ଋଣରୁ ମୁକ୍ତ = ଋଣମୁକ୍ତ

ଗଛରୁ ଝଡ଼ା= ଗଛଝଡ଼ା

ଜଳରୁ ଜାତ= ଜଳଜାତ

**ଷଷ୍ଠୀ ତତ୍‌ପୁରୁଷ -**

ପୂର୍ବପଦର ଷଷ୍ଠୀ ବିଭକ୍ତିର ଲୋପ ହୋଇ ଯେଉଁ ତତ୍‌ପୁରୁଷ ସମାସ ହୁଏ ତାହାକୁ ଷଷ୍ଠୀ ତତ୍‌ପୁରୁଷ ସମାସ କହନ୍ତି । ଉଦାହରଣ -

ଫୁଲର ବଗିଚା = ଫୁଲବଗିଚା

ଗାଆଁର ମୁଣ୍ଡ = ଗାଆଁ ମୁଣ୍ଡ

କର୍ମର ଫଳ = କର୍ମଫଳ

ପୂଜ୍ୟମାନଙ୍କର ପୂଜା = ପୂଜ୍ୟପୂଜା

ଛାତ୍ରମାନଙ୍କର ଆବାସ = ଛାତ୍ରାବାସ

**ସପ୍ତମୀ ତତ୍‌ପୁରୁଷ -**

ପୂର୍ବପଦର ସପ୍ତମୀ ବିଭକ୍ତିର ଲୋପ ହୋଇ ଅନ୍ୟ ପଦ ସହ ଯେଉଁ ତତ୍‌ପୁରୁଷ ସମାସ ହୁଏ, ତାହାକୁ ସପ୍ତମୀ ତତ୍‌ପୁରୁଷ ସମାସ କୁହାଯାଏ । ଉଦାହରଣ -

ବଣରେ ଭୋଜି = ବଣଭୋଜି

ଭ୍ରାତାଙ୍କଠାରେ ଭକ୍ତି = ଭ୍ରାତୃଭକ୍ତି

ଧର୍ମରେ ଆସକ୍ତ = ଧର୍ମାସକ୍ତ

ରାତିରେ ଅନିଦ୍ରା = ରାତି ଅନିଦ୍ରା

ପେଡିରେ ସାଇତା = ପେଡ଼ିସାଇତା

ତତ୍‌ପୁରୁଷ ସମାସର ଆଉ ଏକ ପ୍ରକାର ବା ବିଭାଗ ରହିଛି ଯାହାକୁ ଆମେ <u>ନଞ୍ ତତ୍‌ପୁରୁଷ</u> ସମାସ କହୁ । ନିଷେଧାର୍ଥକ ନ ସହିତ ଅନ୍ୟ ପଦର ତତ୍‌ପୁରୁଷ ସମାସ ହେଲେ ତାହାକୁ ନଞ୍ ତତ୍‌ପୁରୁଷ ସମାସ କୁହାଯାଏ, ଉଦାହରଣ -

ନ ଅଭିଜ୍ଞ = ଅନଭିଜ୍ଞ

ନ ଆଦର = ଅନାଦର

ନ ଇଷ୍ଟ = ଅନିଷ୍ଟ

ନ ଉଚିତ = ଅନୁଚିତ

ନ ଅତିଦୀର୍ଘ= ନାତିଦୀର୍ଘ

ନ ଓଡ଼ିଆ = ଅଣ ଓଡ଼ିଆ

ନ ବାଟ = ଅବାଟ

ନ ଓ ସାରିଆ= ଅଣଓସାରିଆ

ନ ହିନ୍ଦୁ = ଅଣହିନ୍ଦୁ

ନ ନିଦ୍ରା = ଅନିଦ୍ରା

## କର୍ମଧାରୟ ସମାସ :

ବିଶେଷଣ ଓ ବିଶେଷ୍ୟ ପଦକୁ ନେଇ ଯେଉଁ ସମାସ ହୋଇଥାଏ, ତାହାକୁ 'କର୍ମଧାରୟ ସମାସ' କୁହାଯାଏ । ଏହି ସମାସରେ ପରପଦର ଅର୍ଥର ପ୍ରାଧାନ୍ୟ ରହେ । ଯଥା -

ସରୁ ଅଟେ ଧାନ = ସରୁ ଧାନ

ଘନ ପରି ଶ୍ୟାମ = ଘନଶ୍ୟାମ

ଏହି କର୍ମଧାରୟ ସମାସର ବିଭିନ୍ନ ରୂପ ରହିଛି । ଯେମିତିକି -

କ) ରୂପକ କର୍ମଧାରୟ ସମାସ

ଖ) ମଧ୍ୟପଦଲୋପୀ କର୍ମଧାରୟ ସମାସ

ଗ) ଉପମିତ କର୍ମଧାରୟ ସମାସ

ଘ) ଉପମାନ କର୍ମଧାରୟ ସମାସ

### କ) ରୂପକ କର୍ମଧାରୟ ସମାସ

ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପିତ ହୋଇ ସମାସ ହେଲେ 'ରୂପକ କର୍ମଧାରୟ' ସମାସ ହୁଏ । ମନେରଖ, ଯାହା ବିଷୟରେ ଉପମା ଅର୍ଥାତ୍ ତୁଳନା ଦିଆଯାଏ ଥାକୁ 'ଉପମେୟ' କୁହାଯାଏ ଏବଂ ଉପମେୟ ସହିତ ଯାହାର ତୁଳନା ହୁଏ ତାକୁ 'ଉପମାନ' କୁହାଯାଏ ।

**ରୂପକ କର୍ମଧାରୟ ଉଦାହରଣ -**

ମାତୃ ରୂପିଣୀ ଦେବୀ = ମାତୃଦେବୀ

ଏଠାରେ ମାତା ଓ ଦେବୀ ମଧ୍ୟରେ ଅଭେଦ କଳ୍ପିତ ହୋଇଛି । ଅର୍ଥାତ୍ ମାତା ଓ ଦେବୀ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ଅନ୍ୟ ଉଦାହରଣ -

ପ୍ରାଣ ରୂପକ ପକ୍ଷୀ = ପ୍ରାଣପକ୍ଷୀ

କାମନା ରୂପକ ଅଗ୍ନି = କାମାନଗ୍ନି

ବିଦ୍ୟା ରୂପକ ଧନ = ବିଦ୍ୟାଧନ

ମୁଖ ରୂପକ ଚନ୍ଦ୍ର = ମୁଖଚନ୍ଦ୍ର

ଦାରୁ ରୂପକ ଦେବତା = ଦାରୁଦେବତା

### ଖ) ମଧ୍ୟପଦଲୋପୀ କର୍ମଧାରୟ ସମାସ

ଯେଉଁ କର୍ମଧାରୟ ସମାସର ସମସ୍ତ ପଦରେ ମଧ୍ୟବର୍ତ୍ତୀ ପଦର ଲୋପ ହୋଇଥାଏ ତାହାକୁ 'ମଧ୍ୟପଦଲୋପୀ କର୍ମଧାରୟ ସମାସ' କୁହାଯାଏ ।

ଉଦାହରଣ –

ସୁନାରେ ତିଆରି ମୁଦି = ସୁନାମୁଦି

ଅନ୍ୟ ଉଦାହରଣ –

ଗଙ୍ଗା ନାମକ ନଦୀ = ଗଙ୍ଗାନଦୀ

ହାତବନ୍ଧା ଘଡ଼ି= ହାତଘଡ଼ି

ଦହି ମିଶ୍ରିତ ଚୁଡ଼ା = ଦହିଚୁଡ଼ା

ଚନ୍ଦ୍ର ସଦୃଶ ମୁଖ = ଚନ୍ଦ୍ର ମୁଖ

ରେଳରେ ଚାଲୁଥିବା ଗାଡ଼ି = ରେଳଗାଡ଼ି

**ଗ) ଉପମିତ କର୍ମଧାରୟ**

ସମାସରେ ଉପମେୟ ପୂର୍ବପଦ ଓ ଉପମାନ ପରପଦ ହେଲେ ତାହାକୁ 'ଉପମିତ କର୍ମଧାରୟ' ସମାସ କୁହାଯାଏ ।

ଉଦାହରଣ – ନର ସିଂହ ପରି = ନରସିଂହ

ଅନ୍ୟ ଉଦାହରଣ –

ମୁଖ ଚନ୍ଦ୍ର ପରି = ମୁଖଚନ୍ଦ୍ର

ପାଦ ପଦ୍ମ ପରି = ପାଦପଦ୍ମ

ନର ଇନ୍ଦ୍ର ପରି = ନରେନ୍ଦ୍ର

ଅଧର ବିମ୍ବ ପରି= ଅଧରବିମ୍ବ

କର ପଲ୍ଲବ ପରି = କରପଲ୍ଲବ

**ଘ) ଉପମାନ କର୍ମଧାରୟ**

ପୂର୍ବପଦରେ ଉପମାନ ଏବଂ ପରପଦରେ ଉପମେୟ ଉପମାନ ସହିତ ସାଧାରଣ ଧର୍ମବାଚକ ପଦର ସମାସକୁ 'ଉପମାନ କର୍ମଧାରୟ' ସମାସ କହନ୍ତି ।

ଉଦାହରଣ-

ଘନ ପରିଶ୍ୟାମ = ଘନଶ୍ୟାମ

ଅନ୍ୟ ଉଦାହରଣ –

ବରଫ ପରି ଥଣ୍ଡା = ବରଫ ଥଣ୍ଡା

ଫୁଲ ପରି କଅଁଳ = ଫୁଲ କଅଁଳ

ପଥର ପରି ଟାଣ = ପଥର ଟାଣ

ଚମ୍ପା ପରି ଗୋରୀ = ଚମ୍ପା ଗୋରୀ

ଚନ୍ଦନ ପରି ଶୀତଳ = ଚନ୍ଦନ ଶୀତଳ

**୩) ଦ୍ୱିଗୁ ସମାସ**

ଯେଉଁ ସମାସରେ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥାଇ ସମସ୍ତ ପଦଟି ସମାହାର ବା ସମଷ୍ଟିକୁ ବୁଝାଏ, ତାହାକୁ 'ଦ୍ୱିଗୁ' ସମାସ କୁହାଯାଏ ।

ଉଦାହରଣ –

ତ୍ରିଫଳର ସମଷ୍ଟି / ସମାହାର = ତ୍ରିଫଳା

ଅନ୍ୟ ଉଦାହରଣ –

ସପ୍ତ ଋଷିଙ୍କ ସମାହାର = ସପ୍ତର୍ଷି

ପଞ୍ଚଅମୃତର ସମାହାର = ପଞ୍ଚାମୃତ

ନବରତ୍ନଙ୍କ ସମାହାର = ନବରତ୍ନ

ସାତ ସମୁଦ୍ରର ସମାହାର = ସାତସମୁଦ୍ର

ଚଉପଦର ସମାହାର = ଚଉପଦୀ

**୫) ଦ୍ୱନ୍ଦ୍ୱ ସମାସ**

ଯେଉଁ ସମାସରେ ପ୍ରତ୍ୟେକ ସମସ୍ୟମାନ ପଦର ଅର୍ଥର ପ୍ରାଧାନ୍ୟ ଥାଏ, ତାହାକୁ ଦ୍ୱନ୍ଦ୍ୱ ସମାସ କୁହାଯାଏ । ଅନ୍ୟ ଅର୍ଥରେ କହିଲେ ପ୍ରତ୍ୟେକ ପଦର ଅର୍ଥର ପ୍ରାଧାନ୍ୟ ଥାଇ ଏକାଧିକ ବିଶେଷ୍ୟପଦର ମିଳନରେ ଯେଉଁ ସମାସ ଗଠିତ ହୋଇଥାଏ ତାହାକୁ 'ଦ୍ୱନ୍ଦ୍ୱ ସମାସ' କହନ୍ତି । ଉଦାହରଣ-

ଦିନ ଓ ରାତି = ଦିନରାତି

ଅନ୍ୟ ଉଦାହରଣ –

ଶଙ୍ଖା ଓ ସିନ୍ଦୁର = ଶଙ୍ଖାସିନ୍ଦୁର

ସୀତା ଓ ରାମ = ସୀତାରାମ

ରାଧା ଓ କୃଷ୍ଣ = ରାଧାକୃଷ୍ଣ

ହର ଓ ପାର୍ବତୀ = ହରପାର୍ବତୀ

ବାପା ଓ ମା = ବାପା ମା

**୫) ବହୁବ୍ରୀହି ସମାସ**

ଯେଉଁ ସମାସରେ ସମସ୍ତ ପଦ ସମସ୍ୟମାନ ପଦମାନଙ୍କ ମଧ୍ୟରୁ କାହାରି ଅର୍ଥକୁ ନ ବୁଝାଇ ଅନ୍ୟକୁ ବୁଝାଇଥାଏ ତାହାକୁ ବହୁବ୍ରୀହି ସମାସ କୁହାଯାଏ ।

ଯେମିତିକି –

ବୀଣା ପାଣିରେ ଯାହାର ସେ = ବୀଣାପାଣି (ସରସ୍ୱତୀ)

ଅନ୍ୟ ଉଦାହରଣ –

ପୀତ ଅମ୍ବର ଯାହାର ସେ = ପୀତାମ୍ବର

ଦଶ ଆନନ ଯାହାର ସେ = ଦଶାନନ

ଅଷ୍ଟ ଅଙ୍ଗ ବକ୍ର ଯାହାର = ଅଷ୍ଟବକ୍ର

ଚକ୍ର ପାଣିରେ ଯାହାର ସେ = ଚକ୍ରପାଣି

କୃତ୍ ହୋଇଛି କାର୍ଯ୍ୟ ଯାହାର ଦ୍ୱାରା = କୃତକାର୍ଯ୍ୟ

**୬) ଅବ୍ୟୟୀ ଭାବ ସମାସ**

ଯେଉଁ ସମାସରେ ଅବ୍ୟୟପଦ ପୂର୍ବପଦ ଭାବରେ ରହି ଅନ୍ୟପଦ ସହିତ ସମାସ ହୋଇଥାଏ ଓ ସେଥିରେ ଅବ୍ୟୟର ଅର୍ଥ ପ୍ରାଧାନ୍ୟ ଥାଏ ତାକୁ 'ଅବ୍ୟୟ ଭାବ' ସମାସ କହନ୍ତି। ବିଭିନ୍ନ ଅର୍ଥରେ ଅବ୍ୟୟୀଭାବ ସମାସ ହୋଇଥାଏ । ଯେମିତିକି – ବୀପ୍ସା (ବାରମ୍ବାର), ସାଦୃଶ୍ୟ, ଅଭାବ, ଯୋଗ୍ୟତା, ସାମୀପ୍ୟ, ଆତିଶଯ୍ୟ, ପଶ୍ଚାତ୍, ଅତିକ୍ରମ, ବିପରୀତ ଓ ସମ୍ମୁଖ ପ୍ରଭୃତି ଅର୍ଥରେ ଅବ୍ୟୟୀ ଭାବ ସମାସ ହୋଇଥାଏ ।

୧) ବୀପ୍ସା ବା ବାରମ୍ବାର ଅର୍ଥରେ –

ଘରକୁ ଘର = ପ୍ରତିଘର

ଥରକୁ ଥର = ପ୍ରତିଥର

ଦିନକୁ ଦିନ = ପ୍ରତିଦିନ

୨)	ସାଦୃଶ୍ୟ ଅର୍ଥରେ -

ଭାଷାର ସଦୃଶ = ଉପଭାଷା

ବନର ସଦୃଶ = ଉପବନ

ମୂର୍ତ୍ତିର ସଦୃଶ = ପ୍ରତିମୂର୍ତ୍ତି

୩)	ଅଭାବ ଅର୍ଥରେ -

ଭିକ୍ଷାର ଅଭାବ = ଦୁର୍ଭିକ୍ଷ

ଆମିଷର ଅଭାବ = ନିରାମିଷ

ଭୟର ଅଭାବ = ନିର୍ଭୟ

୪)	ଯୋଗ୍ୟତା ଅର୍ଥରେ -

ରୂପର ଯୋଗ୍ୟ = ଅନୁରୂପ

ଭୋଗର ଅନୁକୂଳ = ଉପଭୋଗ

କୂଳର ଯୋଗ୍ୟ = ଅନୁକୂଳ

୫)	ସାମୀପ୍ୟ ଅର୍ଥରେ -

କଣ୍ଠର ସମୀପ = ଉପକଣ୍ଠ

ଗଙ୍ଗାର ସମୀପ = ଅନୁଗଙ୍ଗ

ପଦର ସମୀପ = ଉପପଦ

୬)	ଆତିଶଯ୍ୟ ବା ଆଧିକ୍ୟ ଅର୍ଥରେ - ଅତିଶୟ ଘଞ୍ଚ - ନିଘଞ୍ଚ

ଅତିଶୟ ଆଧୁନିକ = ଅତ୍ୟାଧୁନିକ

ଅତିଶୟ ଉଚ୍ଚ = ଅତ୍ୟୁଚ୍ଚ

୭)	ପଶ୍ଚାତ୍ ଅର୍ଥରେ - ପଶ୍ଚାତ୍‌ପଦ = ଅନୁତାପ

ପଶ୍ଚାତ୍‌ଧାବନ = ଅନୁଧାବନ

ପଶ୍ଚାତ୍‌କରଣ = ଅନୁକରଣ

୮)	ଅତିକ୍ରମ ଅର୍ଥରେ - ମାନବକୁ ଅତିକ୍ରମ କରି = ଅତିମାନବ

ରୂପକୁ ଅତିକ୍ରମ କରି = ଅପରୂପ

ଆଚାରକୁ ଅତିକ୍ରମ କରି = ଅତ୍ୟାଚାର

୯)	ବିପରୀତ ଅର୍ଥରେ -

କୂଳର ବିପରୀତ = ପ୍ରତିକୂଳ

ଫଳର ବିପରୀତ = ପ୍ରତିଫଳ

ପକ୍ଷର ବିପରୀତ = ବିପକ୍ଷ

୧୦)	ସମ୍ମୁଖ ଅର୍ଥରେ -

ମୁଖର ଆଗରେ = ସମ୍ମୁଖ

ଅଗ୍ନିର ସମ୍ମୁଖ = ପ୍ରତ୍ୟଗ୍ନି

ଅକ୍ଷିର ପ୍ରତି = ପ୍ରତ୍ୟକ୍ଷ

## ତୁମେମାନେ ଜାଣିରଖ

❖ ଦୁଇ ବା ଦୁଇରୁ ଅଧିକ ପଦକୁ ଏକ ପଦରେ ପରିଣତ କରିବାର ନାମ ହେଉଛି ସମାସ ।
❖ ସମାସରେ ପଦଗୁଡ଼ିକ ମିଳିତ ବା ଏକାଠି ହେବାପରେ ଯେଉଁ ପଦ ସୃଷ୍ଟି ହୁଏ ତାହାକୁ ସମସ୍ତପଦ କହନ୍ତି ।
❖ ଯେଉଁ ପଦଗୁଡ଼ିକର ମିଶ୍ରଣରେ ସମସ୍ତ ପଦ ଗଢ଼ା ହୁଏ ସେହି ପଦ ଗୁଡ଼ିକ ଗୋଟିଏ ଗୋଟିଏ ସମସ୍ୟମାନ ପଦ ।
❖ ସମାସ ମୁଖ୍ୟତଃ ଛଅ ପ୍ରକାରର – ତତ୍ପୁରୁଷ ସମାସ, କର୍ମଧାରୟ ସମାସ, ଦ୍ୱିଗୁ ସମାସ, ଦ୍ୱନ୍ଦ୍ୱ ସମାସ, ବହୁବ୍ରୀହି ସମାସ ଓ ଅବ୍ୟୟୀଭାବ ସମାସ ।
❖ ମନେରଖ, ଯେଉଁ ଅବ୍ୟୟ ପଦ ଗୁଡ଼ିକ ଧାତୁ ପୂର୍ବରୁ, ଧାତୁଜ ଶବ୍ଦ ପୂର୍ବରୁ ଯୋଡ଼ା ହୋଇ ନୂଆ ଶବ୍ଦ ଗଢ଼ିଥାନ୍ତି, ସେଗୁଡ଼ିକୁ ଉପସର୍ଗ କହନ୍ତି । ଓଡ଼ିଆ ଭାଷାରେ ସମୁଦାୟ କୋଡ଼ିଏଟି ଉପସର୍ଗର ବ୍ୟବହାର ରହିଛି । ସେଗୁଡ଼ିକ ହେଲା – ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ନିର୍, ଦୁର୍, ଉତ୍, ଅତି, ପରି, ପ୍ରତି, ଅବ, ଅନୁ, ବି, ଅଭି, ଉପ, ଅପି ଏବଂ ଆ ।
❖ ମନେ ରଖ, କୃତ୍ ପ୍ରତ୍ୟୟ ଯୋଗ ହୋଇ ଯେଉଁ ନୂଆ ଶବ୍ଦ ଗଠିତ ହୁଏ ତାହାକୁ କୃଦନ୍ତ ଶବ୍ଦ ବା କୃଦନ୍ତ ପଦ କହନ୍ତି ।
❖ ମନେ ରଖ, ଭିନ୍ନ ଭିନ୍ନ ଅର୍ଥରେ ଶବ୍ଦ ସହ ଯେଉଁ ସବୁ ପ୍ରତ୍ୟୟ ଯୋଗ ହୋଇ ନୂଆ ଶବ୍ଦ ଗଠନ କରାଯାଏ ସେହି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ ପ୍ରତ୍ୟୟ କହନ୍ତି । ଆଉ ସେହିସବୁ ତଦ୍ଧିତ ପ୍ରତ୍ୟୟ ଦ୍ୱାରା ଗଠିତ ଶବ୍ଦକୁ ତଦ୍ଧିତାନ୍ତ ଶବ୍ଦ କହନ୍ତି ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

❖ ସମାସ କାହାକୁ କୁହାଯାଏ ?
❖ ସମାସକୁ କେତେ ଭାଗରେ ବିଭକ୍ତ କରାଯାଇଛି ? ସେଗୁଡ଼ିକର ନାମ ଲେଖ ।
❖ ରୂପକ କର୍ମଧାରୟ ସମାସ କହିଲେ କ'ଣ ବୁଝ ?
❖ ଦ୍ୱିଗୁ ସମାସ କ'ଣ ଉଦାହରଣ ସହ ବୁଝାଇ ଲେଖ ।
❖ ଅବ୍ୟୟୀଭାବ ସମାସର ସଂଜ୍ଞା ନିରୂପଣ କର ।
❖ ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାସ କର –

ବିଦେଶାଗତଶଙ୍ଖାସିନ୍ଦୂର

| | |
|---|---|
| ଅନଭିଜ୍ଞ | ବାପାମା |
| ସରୁଧାନ | ପୀତାମ୍ବର |
| ଦାରୁଦେବତା | ନିର୍ଭୟ |
| ଦହିଚୁଡ଼ା | |
| ପଞ୍ଚାମୃତ | |

## ସମ୍ଭାବ୍ୟ ଉତ୍ତର :

❖ ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ଦୁଇରୁ ଅଧିକ ପଦକୁ ଏକପଦରେ ପରିଣତ କରିବାର ନା ହେଉଛି ସମାସ ।
❖ ସମାସକୁ ଛଅ ଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା-ତତ୍ପୁରୁଷ ସମାସ, କର୍ମଧାରୟ ସମାସ, ଦ୍ୱିଗୁ ସମାସ, ଦ୍ୱନ୍ଦ୍ୱ ସମାସ, ବହୁବ୍ରୀହି ସମାସ ଓ ଅବ୍ୟୟୀଭାବ ସମାସ ।
❖ ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପିତ ହୋଇ ଯେଉଁ ସମାସ ହୁଏ, ତାହାକୁ 'ରୂପକ କର୍ମଧାରୟ ସମାସ' କୁହାଯାଏ ।

❖ ଯେଉଁ ସମାସରେ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥାଇ ସମସ୍ତପଦଟି ସମଷ୍ଟି ବା ସମାହାରକୁ ବୁଝାଇଥାଏ, ତାହାକୁ 'ଦ୍ୱିଗୁ ସମାସ' କହନ୍ତି । ଉଦାହରଣ-ଚଉପଦର ସମାହାର = ଚଉପଦୀ ।

❖ ଯେଉଁ ସମାସରେ ଅବ୍ୟୟପଦ ପୂର୍ବପଦ ଭାବରେ ରହି ଅନ୍ୟପଦ ସହିତ ସମାସ ହୋଇଥାଏ ଓ ସେଥିରେ ଅବ୍ୟୟର ଅର୍ଥ ପ୍ରାଧାନ୍ୟ ଥାଏ ତାହାକୁ 'ଅବ୍ୟୟୀଭାବ ସମାସ' କୁହାଯାଏ ।

ବିଦେଶରୁ ଆଗତ = ବିଦେଶାଗତ (ପଞ୍ଚମୀ ତତ୍ପୁରୁଷ)

ନ ଅଭିଜ୍ଞ = ଅନଭିଜ୍ଞ (ନଞ୍ ତତ୍ପୁରୁଷ)

ସରୁ ଅଟେ ଧାନ = ସରୁ ଧାନ (କର୍ମଧାରୟ ସମାସ)

ଦାରୁ ରୂପକ ଦେବତା = ଦାରୁଦେବତା (ରୂପକ କର୍ମଧାରୟ)

ଦହି ମିଶ୍ରିତ ଚୁଡ଼ା = ଦହିଚୁଡ଼ା (ମଧ୍ୟପଦଲୋପୀ କର୍ମଧାରୟ)

ପଞ୍ଚ ଅମୃତର ସମାହାର = ପଞ୍ଚାମୃତ (ଦ୍ୱିଗୁ ସମାସ)

ଶଙ୍ଖା ଓ ସିନ୍ଦୂର = ଶଙ୍ଖାସିନ୍ଦୂର (ଦ୍ୱନ୍ଦ ସମାସ)

ବାପା ଓ ମା = ବାପା ମା (ଦ୍ୱନ୍ଦ୍ୱ ସମାସ)

ପୀତ ଅମ୍ବର ଯାହାର ସେ = ପୀତାମ୍ବର (ବହୁବ୍ରୀହି ସମାସ)

ଭୟର ଅଭାବ = ନିର୍ଭୟ (ଅବ୍ୟୟୀ ଭାବ ସମାସ)

## ସନ୍ଧି :

ସନ୍ଧି କହିଲେ ଆମେ ବୁଝୁ, ପୂର୍ବପଦର ଶେଷବର୍ଣ୍ଣ ସହିତ ପରପଦର ଆଦ୍ୟ ବର୍ଣ୍ଣର ମିଳନ । ସନ୍ଧିଦ୍ୱାରା ଦୁଇବର୍ଣ୍ଣର ମିଳନ ହୁଏ । ସନ୍ଧି ପାଇଁ ଦୁଇପଦ ଏକପଦରେ ପରିଣତ ହୁଅନ୍ତି । ଏକପଦ ହେଉଥିବା ପଦକୁ **'ସନ୍ଧିପଦ'** କୁହାଯାଇଥାଏ । ସ୍ୱର, ବ୍ୟଞ୍ଜନ ଓ ବିସର୍ଗ ବର୍ଣ୍ଣକକୁ ନେଇ ସନ୍ଧି ହୁଏ । ତେଣୁ ସନ୍ଧି ସାଧାରଣ ତିନି ପ୍ରକାରର -

କ) ସ୍ୱର ସନ୍ଧି

ଖ) ବଞ୍ଜନ ସନ୍ଧି

ଗ) ବିସର୍ଗ ସନ୍ଧି

**କ) ସ୍ୱର ସନ୍ଧି -** ସ୍ୱର ସନ୍ଧି କହିଲେ ଆମେ ବୁଝିବା ଯେ, ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ସ୍ୱରବର୍ଣ୍ଣ ସହିତ ପରପଦର ପ୍ରଥମ ସ୍ୱରବର୍ଣ୍ଣର ମିଳନ । ଏଥିପାଇଁ ସନ୍ଧିସୂତ୍ର ବା ନିୟମାବଳୀ ରହିଛି । ଯେମିତିକି -

୧) କ) ଅ + ଅ = ଆ

ନୀଳ + ଅଚଳ = ନୀଳାଚଳ

ଶ୍ୱେତ + ଅମ୍ବର = ଶ୍ୱେତାମ୍ବର

ଏକ + ଅଧିକ = ଏକାଧିକ

ଦଶ + ଅବତାର = ଦଶାବତାର

ଖ) ଅ + ଆ = ଆ

ଉଚ୍ଚ + ଆସନ = ଉଚ୍ଚାସନ

ସିଂହ + ଆସନ = ସିଂହାସନ

ସତ୍ୟ + ଆନନ୍ଦ = ସତ୍ୟାନନ୍ଦ

ଶବ + ଆଧାର = ଶବାଧାର

ଗ) ଆ + ଅ = ଆ

ଶ୍ରଦ୍ଧା + ଅର୍ପଣ = ଶ୍ରଦ୍ଧାର୍ପଣ

ଚିତା + ଅନଳ = ଚିତାନଳ

ଦୁର୍ଗା + ଅଷ୍ଟମୀ = ଦୁର୍ଗାଷ୍ଟମୀ

ସୂଚନା + ଅଧିକାର = ସୂଚନାଧିକାର

ଘ) ଆ + ଆ = ଆ

ମହା + ଆକାଶ = ମହାକାଶ

ବିଦ୍ୟା + ଆଳୟ = ବିଦ୍ୟାଳୟ

ସୁଧା + ଆକାର = ସୁଧାକର

ସଦା + ଆନନ୍ଦ = ସଦାନନ୍ଦ

ଏ ସନ୍ଧିସୂତ୍ର ବା ନିୟମଟି ହେଉଛି, 'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି ।

୨) କ) ଇ + ଇ = ଈ

ଯତି + ଇନ୍ଦ୍ର = ଯତୀନ୍ଦ୍ର

ଅତି + ଇତ = ଅତୀତ

ଅତି + ଇବ = ଅତୀବ

ପ୍ରତି +ଇତ = ପ୍ରତୀତ

ଖ) ଇ + ଈ = ଈ

ପରି + ଈକ୍ଷା = ପରୀକ୍ଷା

ଗିରି + ଈଶ = ଗିରୀଶ

ହରି + ଈଶ = ହରୀଶ

ଅଧି + ଈଶ୍ୱର = ଅଧୀଶ୍ୱର

ଗ) ଈ + ଇ = ଈ

ମହୀ + ଇନ୍ଦ୍ର = ମହୀନ୍ଦ୍ର

ଶଚୀ + ଇନ୍ଦ୍ର = ଶଚୀନ୍ଦ୍ର

ତପୀ + ଇନ୍ଦ୍ର = ତପୀନ୍ଦ୍ର

ଗୁଣୀ + ଇନ୍ଦ୍ର = ଗୁଣୀନ୍ଦ୍ର

ଘ) ଈ + ଈ = ଈ

ଭବାନୀ + ଈଶ = ଭବାନୀଶ

ରଜନୀ + ଈଶ = ରଜନୀଶ

ଅବନୀ + ଈଶ = ଅବନୀଶ

ପୃଥ୍ୱୀ + ଈଶ୍ୱର = ପୃଥ୍ୱୀଶ୍ୱର

ଏହି ସନ୍ଧି ନିୟମଟି ହେଉଛି 'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଈ' ହୁଅନ୍ତି ।

୩) କ) ଉ + ଉ = ଊ

କଟୁ + ଉକ୍ତି = କଟୂକ୍ତି

ମରୁ + ଉଦ୍ୟାନ = ମରୂଦ୍ୟାନ

ସୁ + ଉକ୍ତି = ସୂକ୍ତି

ସାଧୁ + ଉଦ୍ୟମ = ସାଧୂଦ୍ୟମ

ଖ) ଉ + ଊ = ଊ

ସିନ୍ଧୁ + ଊର୍ମି = ସିନ୍ଧୂର୍ମି

ଲଘୁ + ଊର୍ମି = ଲଘୂର୍ମି

ସାଧୁ + ଊର୍ଜଃ = ସାଧୂର୍ଜଃ

ଧେନୁ + ଊଧଃ = ଧେନୂଧଃ

ଗ) ଊ + ଉ = ଊ

ବଧୂ + ଉକ୍ତି = ବଧୂକ୍ତି

ବଧୂ + ଉତ୍ସବ = ବଧୂତ୍ସବ

ବଧୂ + ଉଦ୍ଧାର = ବଧୂଦ୍ଧାର

ଚମୂ + ଉଦ୍ଧାର = ଚମୂଦ୍ଧାର

ଝ ଚମୂ = ସୈନ୍ୟଦଳ

ଝ ଊର୍ଜଃ = ଶକ୍ତିସମୂହ

ଘ) ଊ + ଊ = ଊ

ଭୂ + ଊର୍ଦ୍ଧ୍ୱ = ଭୂର୍ଦ୍ଧ୍ୱ

ଭୂ + ଊର୍ଜଃ = ଭୂର୍ଜ

ଚମୂ + ଊର୍ଜଃ = ଚମୂର୍ଜ

ଏହିନିୟମ ଅନୁସାରେ 'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଊ' ହୁଅନ୍ତି ।

୪) କ) <u>ଅ + ଇ = ଏ</u>

ଶୁଭ + ଇଚ୍ଛା = ଶୁଭେଚ୍ଛା

ସୁର + ଇନ୍ଦ୍ର = ସୁରେନ୍ଦ୍ର

ନର + ଇନ୍ଦ୍ର = ନରେନ୍ଦ୍ର

ପୂର୍ଣ୍ଣ + ଇନ୍ଦୁ = ପୂର୍ଣ୍ଣେନ୍ଦୁ

ଖ) ଅ + ଈ = ଏ

ସୁର + ଈଶ = ସୁରେଶ

ଭୁବନ + ଈଶ୍ୱରୀ = ଭୁବନେଶ୍ୱରୀ

ରାମ + ଈଶ୍ୱର = ରାମେଶ୍ୱର

କପାଳ + ଈଶ୍ୱର = କପାଳେଶ୍ୱର

ଗ) ଆ + ଇ = ଏ

ଯଥା + ଇଚ୍ଛା = ଯଥେଚ୍ଛା

ମହା + ଇନ୍ଦ୍ର = ମହେନ୍ଦ୍ର

ଯଥା + ଇଷ୍ଟ = ଯଥେଷ୍ଟ

ଦୁର୍ଗା + ଇଜ୍ୟା = ଦୁର୍ଗେଜ୍ୟା

ଝ ଇଜ୍ୟା = ହୋମ, ଯଜ୍ଞ, ପୂଜା

ଘ) ଆ + ଈ = ଏ

ରମା + ଈଶ = ରମେଶ

ଦୁର୍ଗା + ଈଶ = ଦୁର୍ଗେଶ

ମହା + ଈଶ୍ୱର = ମହେଶ୍ୱର

କମଳା + ଈଶ୍ୱର = କମଳେଶ୍ୱର

ଏହି ସନ୍ଧି ସୂତ୍ରରୁ ଜଣାଯାଏ ଯେ, 'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି ।

୫) କ) ଅ + ଉ = ଓ

ଲମ୍ବ + ଉଦର = ଲମ୍ବୋଦର

ପୁରୁଷ + ଉତ୍ତମ = ପୁରୁଷୋତ୍ତମ

ହିତ + ଉପଦେଶ = ହିତୋପଦେଶ

ନବ + ଉଦୟ = ନବୋଦୟ

ଖ) ଅ + ଊ = ଓ

ଏକ + ଊନ = ଏକୋନ ଝ ଏକୋନ = ଗୋଟିଏ କମ୍

ଚଳ + ଊର୍ମି = ଚଳୋର୍ମି ଝ ଚଳୋମି = ଚଞ୍ଚଳ ତରଙ୍ଗ

ନବ + ଊଢ଼ = ନବୋଢ଼ା ଝ ନବୋଢ଼ା = ନବବଧୂ

ସାଗର + ଊର୍ମି = ସାଗରୋର୍ମି

ଗ) ଆ + ଉ = ଓ

ମହା + ଉଦଧି = ମହୋଦଧି

ଗଙ୍ଗା + ଉଦକ = ଗଙ୍ଗୋଦକ

ଯଥା + ଉଚିତ = ଯଥୋଚିତ

ଦୁର୍ଗା + ଉତ୍ସବ = ଦୁର୍ଗୋତ୍ସବ

ଘ) ଆ + ଊ = ଓ

ମହା + ଊର୍ମି = ମହୋର୍ମି

ମହା + ଊରୁ = ମହୋରୁ

ମହା + ଊର୍ଜଃ = ମହୋର୍ଜଃ

ଗଙ୍ଗା + ଊର୍ମି = ଗଙ୍ଗୋର୍ମି

ଏହି ସନ୍ଧି ନିୟମ ଅନୁଯାୟୀ ଆମେ ଦେଖିଲେ 'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି ।

୬) କ) ଅ + ଋ = ଅର୍

ସପ୍ତ + ଋଷି = ସପ୍ତର୍ଷି

ଦେବ + ଋଷି = ଦେବର୍ଷି

ବ୍ରହ୍ମ + ଋଷି = ବ୍ରହ୍ମର୍ଷି

ଦେବ + ଋଣ = ଦେବର୍ଣ୍ଣ

ଖ) ଆ + ଋ = ଅର୍

ରାଜା + ଋଷି = ରାଜର୍ଷି

ମହା + ଋଷି = ମହର୍ଷି

ଏହି ସନ୍ଧି ନିୟମରେ ଦେଖିଲେ 'ଅ' ବା 'ଆ' ପରେ 'ଋ' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି ।

୭) କ) ଅ + ଏ = ଐ

ହିତ + ଏଷୀ = ହିତୈଷୀ

ଜନ + ଏକ = ଜନୈକ

ଦିବ୍ୟ + ଏକ = ଦିବ୍ୟୈକ

ଏକ + ଏକ = ଏକୈକ

ଖ) ଅ + ଐ = ଐ

ଅତୁଳ + ଐଶ୍ୱର୍ଯ୍ୟ = ଅତୁଳୈଶ୍ୱର୍ଯ୍ୟ

ମତ + ଐକ୍ୟ = ମତୈକ୍ୟ

ଦିବ୍ୟ + ଐଶ୍ୱର୍ଯ୍ୟ = ଦିବ୍ୟୈଶ୍ୱର୍ଯ୍ୟ

ଛାତ୍ର + ଐକ୍ୟ = ଛାତ୍ରୈକ୍ୟ

ଗ) ଆ + ଏ = ଐ

ତଥା + ଏବ = ତଥୈବ

ସଦା + ଏବ = ସଦୈବ

ଭାଷା + ଏକୀକରଣ = ଭାଷୈକୀକରଣ

ମହା + ଏକାଦଶୀ = ମହୈକାଦଶୀ

ଘ) ଆ + ଐ = ଐ

ମହା + ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ

ଦିବ୍ୟ + ଐଶ୍ୱର୍ଯ୍ୟ = ଦିବ୍ୟୈଶ୍ୱର୍ଯ୍ୟ

ମହା + ଐରାବତ = ମହୈରାବତ

ଭାଷା + ଐକ୍ୟ = ଭାଷୈକ୍ୟ

ଏହି ନିୟମରେ ଆମେ ଦେଖିଲେ ଯେ, 'ଅ' ବା 'ଆ' ପରେ ସ୍ୱରବର୍ଣ୍ଣ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ' ହୁଅନ୍ତି ।

୮) କ) ଅ + ଓ = ଔ

ଜଳ + ଓଘ (ତରଙ୍ଗ) = ଜଳୌଘ

ବିଳ + ଓକା = ବିଳୌକା (ବିଲୁଆ)

ଦିବ + ଓକା = ଦିବୌକା (ଦେବତା)

ଖ) ଅ + ଔ = ଔ

ବନ + ଔଷଧ = ବନୌଷଧି

ସର୍ବ + ଔଷଧି = ସର୍ବୌଷଧି

ସ୍ୱ + ଔରସ = ସ୍ୱୌରସ

ଦନ୍ତ + ଔଷ୍ଠ୍ୟ = ଦନ୍ତୌଷ୍ଠ୍ୟ

ଗ) ଆ + ଓ = ଔ

ମହା + ଓଘ (ତରଙ୍ଗ) = ମହୌଘ

ଗଙ୍ଗା + ଓଘ = ଗଙ୍ଗୌଘ

ମୃତ୍ତିକା + ଓଷଧି = ମୃତ୍ତିକୌଷଧି

ମହା + ଓଜ (ତେଜ) = ମହୌଜ

ଘ) ଆ + ଔ = ଔ

ମହା + ଔଷଧ = ମହୌଷଧ

ନିଦ୍ରା + ଔଷଧି = ନିଦ୍ରୌଷଧି

ଦିବା + ଔଷଧ = ଦିବୌଷଧ

ମହା + ଔଦାର୍ଯ୍ୟ = ମହୌଦାର୍ଯ୍ୟ

ଏହି ସନ୍ଧି ସୂତ୍ରରେ ଆମେ ଜାଣିବାକୁ ପାଇଲେ ଯେ, 'ଅ' ବା 'ଆ' ପରେ 'ଓ' ବା 'ଔ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି ।

୯) କ) ଇ + ଅ = ଯ

ପ୍ରତି + ଅହ = ପ୍ରତ୍ୟହ

ପ୍ରତି + ଅକ୍ଷ = ପ୍ରତ୍ୟକ୍ଷ

ପ୍ରତି + ଅଙ୍ଗ = ପ୍ରତ୍ୟଙ୍ଗ (ଅଙ୍ଗପ୍ରତ୍ୟଙ୍ଗ)

ଖ) ଇ + ଆ = ଯା

ଇତି + ଆଦି = ଇତ୍ୟାଦି

ଗ) ଈ + ଅ = ଯ

ସୂଚୀ + ଅଗ୍ର = ସୂଚ୍ୟଗ୍ର

ନଦୀ + ଅମ୍ବୁ = ନଦ୍ୟମ୍ବୁ

ଘ) ଈ + ଉ = ଯ

ନଦୀ + ଉପକଣ୍ଠ = ନଦ୍ୟୁପକଣ୍ଠ

ଲକ୍ଷ୍ମୀ + ଉପାସନା = ଲକ୍ଷ୍ମ୍ୟୁପାସନା

ଏହି ନିୟମଟି ଟିକେ ଭିନ୍ନ ଲାଗିଥିବ, ଏଥିରେ ଆମେ ଦେଖିଲେ ଯେ 'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ (ଅ, ଆ, ଉ, ଊ 'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ (ଅ, ଆ, ଉ, ଊ ଇତ୍ୟାଦି) ଥିଲେ 'ଇ' ବା 'ଈ' ସ୍ଥାନରେ 'ଯ' ହୁଏ ।

ଏହି ନିୟମର ଆଉ କେତୋଟି ଉଦାହରଣ ଦେଖିବା -

ଦେବୀ + ଆଦି = ଦେବ୍ୟାଦି (ଈ + ଆ = ଯ)

ଅତି + ଉତ୍କଟ = ଅତ୍ୟୁତ୍କଟ (ଇ + ଉ = ଯ)

ଦେବୀ + ଓଷ୍ଠ = ଦେବ୍ୟୋଷ୍ଠ (ଈ + ଓ = ଯ)

ନାରୀ + ଅସ୍ତୁ = ନାର୍ଯ୍ୟସ୍ତୁ (ଈ + ଅ = ଯ)

ଦେବୀ + ଉପାସନା = ଦେବ୍ୟୁପାସନା (ଈ + ଉ = ଯ)

ଭୂମି + ଅଧିକାରୀ = ଭୂମ୍ୟଧିକାରୀ (ଇ + ଅ = ଯ)

ପରି + ଆଲୋଚନା = ପର୍ଯ୍ୟାଲୋଚନା (ଇ + ଆ = ଯ)

ତରୁଣୀ + ଆଦି = ତରୁଣ୍ୟାଦି (ଈ + ଆ = ୟ)

ଈର୍ଷା + ଅନେକ = ଈର୍ଷାନ୍ୟେକ (ଆ + ଅ = ୟ)

୧୦) ଉ + ଅ = ୱ

ଅନୁ + ଅୟ = ଅନ୍ୱୟ, ସୁ + ଅଚ୍ଛ = ସ୍ୱଚ୍ଛ, ସୁ + ଅଚ୍ଛ = ସ୍ୱଚ୍ଛ

ଉ + ଏ = ୱେ

ଅନୁ + ଏଷଣ = ଅନ୍ୱେଷଣ

ଉ + ଆ = ୱା

ସୁ + ଆଗତ = ସ୍ୱାଗତ

ପ୍ରଭୁ + ଆଜ୍ଞା = ପ୍ରଭ୍ୱାଜ୍ଞା

ଏହି ନିୟମ ଅନୁସାରେ 'ଉ' ବା 'ଊ' 'ଉ' ବା 'ଊ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଉ' ବା 'ଊ' ସ୍ଥାନରେ 'ୱ' ହୋଇଥାଏ ।

## ବ୍ୟଞ୍ଜନ ସନ୍ଧି

ବ୍ୟଞ୍ଜନ ସନ୍ଧି କହିଲେ ଆମେ ବୁଝୁ, ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନ । ଅନ୍ୟ ଭାଷାରେ କହିଲେ, ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ବ୍ୟଞ୍ଜନ ବର୍ଣ୍ଣ ସହିତ ପରପଦର ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଏ ।

୧) ସନ୍ଧି ସୂତ୍ର ଅନୁସାରେ, 'ତ' ବା 'ଦ' ପରେ 'ଚ' ବା 'ଛ' ଥିଲେ 'ତ' ବା 'ଦ' ସ୍ଥାନରେ 'ଚ' ହୋଇଥାଏ । ଉଦାହରଣ –

ଶରତ୍ + ଚନ୍ଦ୍ର = ଶରଚ୍ଚନ୍ଦ୍ର

ଚଳତ୍ + ଚିତ୍ର = ଚଳଚ୍ଚିତ୍ର

ଉତ୍ + ଛେଦ = ଉଚ୍ଛେଦ

୨) ବ୍ୟଞ୍ଜନ ସନ୍ଧିର ଆଉ ଏକ ନିୟମ ଅନୁଯାୟୀ, 'ତ' ବା 'ଦ' ପରେ 'ଜ' ବା 'ଝ' ଥିଲେ 'ତ' ବା 'ଦ' ସ୍ଥାନରେ 'ଜ୍' ହୋଇଥାଏ । ଉଦାହରଣ –

ବିପଦ୍ + ଜନକ = ବିପଜ୍ଜନକ

ସତ୍ + ଜନ = ସଜ୍ଜନ

ଜଗତ୍ + ଜନନୀ = ଜଗଜ୍ଜନନୀ

୩) ଆଉ ଏକ ସୂତ୍ର ଅନୁସାରେ, 'ତ' ବା 'ଦ' ପରେ 'ଡ' ବା 'ଢ' ଥିଲେ 'ତ୍' ବା 'ଦ' ସ୍ଥାନରେ 'ଡ୍' ହୋଇଥାଏ । ଉଦାହରଣ –

ତଦ୍ + ଡିଣ୍ଡିମ = ତଡ୍ଡିଣ୍ଡିମ

ତଦ୍ + ଢୌକନ = ତଡ୍ଢୌକନ

ଉତ୍ + ଡୀନ = ଉଡ୍ଡୀନ

୪) ଅନ୍ୟ ଏକ ନିୟମ କହେ, 'ତ' ବା 'ଦ' ପରେ 'ଲ' ଥିଲେ 'ତ' ବା 'ଦ' ସ୍ଥାନରେ 'ଲ' ହୁଏ । ଉଦାହରଣ –

ଉତ୍ + ଲେଖ = ଉଲ୍ଲେଖ

ବିଦ୍ୟୁତ୍ + ଲତା = ବିଦ୍ୟୁଲ୍ଲତା

ଉତ୍ + ଲାସ = ଉଲ୍ଲାସ

୫) ବ୍ୟଞ୍ଜନ ସନ୍ଧିର ଆଉ ଏକ ନିୟମରୁ ଜଣାଯାଏ, 'ତ୍' ବା 'ଦ୍' ପରେ 'ଶ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ତ୍' ହୁଏ ଏବଂ 'ଶ' ସ୍ଥାନରେ 'ଛ' ହୁଏ । ଉଦାହରଣ –

ଉତ୍ + ଶୃଙ୍ଖଳ = ଉଚ୍ଛୃଙ୍ଖଳ

ଉତ୍ + ଶ୍ୱାସ = ଉଚ୍ଛ୍ୱାସ

ବୃହତ୍ + ଶକଟ = ବୃହଚ୍ଛକଟ

୬) ଆଉ ଏକ ସୂତ୍ର କହେ, 'ତ୍' ବା 'ଦ୍' ପରେ 'ହ' ଥିଲେ ଦୁହେଁ ମିଶି 'ଦ୍ଧ' ହୋଇଥାନ୍ତି । ଉଦାହରଣ –

ଉତ୍ + ହତ = ଉଦ୍ଧତ

ଉତ୍ + ହାର = ଉଦ୍ଧାର

ତତ୍ + ହିତ = ତଦ୍ଧିତ

୭) ଅନ୍ୟ ଏକ ନିୟମ ଅନୁଯାୟୀ, ପରପଦର ପ୍ରଥମ ବର୍ଣ୍ଣ 'ନ' ବା 'ମ' ହୋଇଥିଲେ ପୂର୍ବ ପଦର ଶେଷବର୍ଣ୍ଣ ଯେଉଁ ବର୍ଗର ହୋଇଥାଏ ତା' ସ୍ଥାନରେ ସେହିବର୍ଗର ପଞ୍ଚମ ବର୍ଣ୍ଣ ହୋଇଥାଏ । ଉଦାହରଣ –

ଜଗତ୍ + ନାଥ = ଜଗନ୍ନାଥ

ମୃତ୍ + ମୟ= ମୃଣ୍ମୟ

୮) ଅନ୍ୟ ଏକ ନିୟମ ଅନୁସାରେ 'ଷ' ପରେ 'ତ' ଥିଲେ 'ତ' ସ୍ଥାନରେ 'ଟ' ଓ 'ଥ' ଥିଲେ 'ଥ' ସ୍ଥାନରେ 'ଠ' ହୁଏ । ଉଦାହରଣ –

ତୁଷ + ଟ = ତୁଷ୍ଟ

ଶିଷ + ତ = ଶିଷ୍ଟ

ଷଷ୍ + ଥ = ଷଷ୍ଠ

୯) ବ୍ୟଞ୍ଜନ ସନ୍ଧିର ଆଉ ଏକ ସୂତ୍ର ଅନୁଯାୟୀ, 'ମ୍' ପରେ ଅବର୍ଗ୍ୟ ବର୍ଣ୍ଣଥିଲେ 'ମ୍' ସ୍ଥାନରେ ଅନୁସ୍ୱାର (ଂ) ହୋଇଥାଏ । ଉଦାହରଣ –

ସମ୍ + ସାର = ସଂସାର

ସମ୍ + ହତ = ସଂହତି

ସମ୍ + ଶୋଧନ = ସଂଶୋଧନ

୧୦) ଆଉ ଏକ ନିୟମ କହେ, 'ଦ୍' ବା 'ଧ୍' ପରେ କ, ଖ, ପ, ଫ, ମ୍ ଥବଲେ 'ଦ୍' ଓ 'ଧ୍' ସ୍ଥାନରେ 'ତ୍' ହୋଇଥାଏ । ଉଦାହରଣ –

ତତ୍ + କାଳୀନ = ତତ୍କାଳୀନ

ତଦ୍ + ପର = ତତ୍ପର

ତଦ୍ + କ୍ଷଣାତ୍ = ତତ୍କ୍ଷଣାତ୍

## ବିସର୍ଗ ସନ୍ଧି :

ବିସର୍ଗ ସନ୍ଧି କହିଲେ ପୂର୍ବପଦର ଶେଷରେ ଥିବା ବିସର୍ଗ(ଃ) ସହିତ ପରପଦର ପ୍ରଥମରେ ଥିବା ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ମିଳନକୁ ବୁଝାଯାଏ । ଅନ୍ୟ ଭାଷାରେ କହିଲେ, ବିସର୍ଗ ସହିତ ସ୍ୱରବର୍ଣ୍ଣ ବା ବ୍ୟଞ୍ଜନବର୍ଣ୍ଣର ସନ୍ଧି ହେଲେ ତାହାକୁ ବିସର୍ଗ ସନ୍ଧି କୁହାଯାଇଥାଏ ।

୧) ବିସର୍ଗ ସନ୍ଧିର ଏକ ନିୟମ ଅନୁଯାୟୀ ବିସର୍ଗ ପରେ 'କ', 'ପ', 'ଫ' ଆଦି ଥିଲେ ବିସର୍ଗ ସ୍ଥାନରେ 'ସ୍' ହୋଇଥାଏ । ଉଦାହରଣ –

ନମଃ + କାର = ନମସ୍କାର

ମନଃ + କାମନା = ମନସ୍କାମନା

ପୁରଃ + କାର = ପୁରସ୍କାର

୨) ଆଉ ଏକ ନିୟମ କହେ, 'ର୍' ରୂପୀ ବିସର୍ଗ ପରେ 'ର' ଥିଲେ ବିସର୍ଗରେ ଥିବା 'ର୍' ର ଲୋପ ହୁଏ । ଉଦାହରଣ –

ନିଃ + ରବ = ନିରବ

ନିଃ + ରସ = ନୀରସ

ଧନୁଃ + ରାଶି = ଧନୁରାଶି

୩) ଅନ୍ୟ ଏକ ନିୟମ ଅନୁସାରେ, ପଦାନ୍ତ ବିସର୍ଗ ପରେ 'ଚ' ବା 'ଛ' ଥିଲେ ବିସର୍ଗ ସ୍ଥାନରେ 'ଶ' ହୋଇଥାଏ । ଉଦାହରଣ –

ନିଃ + ଚୟ = ନିଶ୍ଚୟ

ଦୁଃ + ଚରିତ୍ର = ଦୁଶ୍ଚରିତ୍ର

ଦୁଃ + ଚିନ୍ତା = ଦୁଶ୍ଚିନ୍ତା

୪) ଅନ୍ୟତମ ସନ୍ଧିସୂତ୍ର ଅନୁସାରେ, ପଦାନ୍ତ ବିସର୍ଗ ପରେ 'ତ' ଥିଲେ ବିସର୍ଗ ସ୍ଥାନରେ 'ସ୍' ହୋଇଥାଏ । ଯେମିତକି –

ଅଧଃ + ତନ = ଅଧସ୍ତନ

ନିଃ + ତରଙ୍ଗ = ନିସ୍ତରଙ୍ଗ

ମନଃ + ତାପ = ମନସ୍ତାପ

୫) ବିସର୍ଗ ସନ୍ଧିର ଆଉ ଏକ ନିୟମ କହେ, ବିସର୍ଗ ପରେ 'କ', 'କ', କିମ୍ବା 'ପ' ଥିଲେ ବିସର୍ଗ ସ୍ଥାନରେ 'ସ୍' ହୋଇଥାଏ । ଉଦାହରଣ –

ପୁରଃ + କାର = ପୁରସ୍କାର

ନମଃ + କାର = ନମସ୍କାର

ବାଚଃ + ପତି = ବାଚସ୍ପତି

୬) ଅନ୍ୟ ଏକ ସୂତ୍ରରେ ଆମେ ଦେଖିବା, 'ର' ରୂପୀ ବିସର୍ଗ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ ଯ, ର, କ, ବ, ହ ଥିଲେ ବିସର୍ଗ ସ୍ଥାନରେ 'ର' ହୋଇଥାଏ । ଉଦାହରଣ –

ପୁନଃ + ଅପି = ପୁନରପି

ଅନ୍ତଃ + ଦାହ = ଅନ୍ତର୍ଦାହ

ଆୟୁଃ + ବେଦ = ଆୟୁର୍ବେଦ

୭) ଆଉ ଏକ ସୂତ୍ରରେ ଦେଖିବା, 'ସ୍' ରୂପୀ ବିସର୍ଗ ପରେ ଅ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ଥିଲେ ବିସର୍ଗ ସ୍ଥାନରେ 'ଓ' ହୋଇଥାଏ । ଉଦାହରଣ –

ମନଃ + ଯୋଗ = ମନୋଯୋଗ

ତପଃ + ବନ = ତପୋବନ

ଅଧଃ + ଗତି = ଅଧୋଗତି

୮) ଆଉ ଏକ ନିୟମରେ ଆମେ ଦେଖିବା, ବିସର୍ଗ ପରେ 'ଟ' ବା 'ଠ' ଥିଲେ ବିସର୍ଗ ସ୍ଥାନରେ 'ଷ୍' ହୋଇଥାଏ । ଯେମିତିକି –

ନିଃ + ଠୁର = ନିଷ୍ଠୁର

ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର

ଧନୁଃ + ଟଙ୍କଧର = ଧନୁଷ୍ଟଙ୍କଧର

## ତୁମେମାନେ ଜାଣିରଖ

ପରସ୍ପର ସନ୍ନିହିତ ପୂର୍ବପଦର ଶେଷବର୍ଣ୍ଣ ଓ ପରିପଦର ପ୍ରଥମବର୍ଣ୍ଣର ମିଳନକୁ ସନ୍ଧି କୁହାଯାଇଥାଏ । ଅର୍ଥାତ୍ ପୂର୍ବପଦର ଶେଷ ବର୍ଣ୍ଣ ସହ ପରପଦର ଆଦ୍ୟ ବର୍ଣ୍ଣର ମିଳନକୁ ସନ୍ଧି କରାଯାଏ ।

ସନ୍ଧି ତିନିପ୍ରକାରର, ଯଥା :

କ) ସ୍ୱର ସନ୍ଧି

ଖ) ବ୍ୟଞ୍ଜନ ସନ୍ଧି

ଗ) ବିସର୍ଗ ସନ୍ଧି

ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ସ୍ୱରବର୍ଣ୍ଣ ସହିତ ପରପଦର ପ୍ରଥମ ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି କୁହାଯାଇଥାଏ । ଅର୍ଥାତ୍ ପରସ୍ପର ସନ୍ନିହିତ ଦୁଇଟି ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି କୁହାଯାଏ । ଉଦାହରଣ –

୧) ନୀଳ + ଅଚଳ = ନୀଳାଚଳ

୨) ସତ୍ୟ + ଆନନ୍ଦ = ସତ୍ୟାନନ୍ଦ

୩) ଏକ + ଅଧିକ = ଏକାଧିକ

୪) ଗିରି + ଈଶ = ଗିରୀଶ

୫) ଅତି + ଇତ = ଅତୀତ

ସେହିପରି ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ବ୍ୟଞ୍ଜନ ବର୍ଣ୍ଣ ସହିତ ପରପଦର ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଏ । ଅର୍ଥାତ୍ ବ୍ୟଞ୍ଜନ ବର୍ଣ୍ଣ ସହ ବ୍ୟଞ୍ଜନବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଇଥାଏ । ଉଦାହରଣ –

୧) ସତ୍ + ଆଚାର = ସଦାଚାର

୨) ଉତ୍ + ନତି = ଉନ୍ନତି

୩) ବାକ୍ + ଦେବୀ = ବାଗ୍‌ଦେବୀ

୪) ସମ୍ + କାରକ = ସଂସ୍କାରକ

୫) ତଦ୍ + ପର = ତତ୍ପର

ସେହିପରି ମନେରଖ, ପୂର୍ବପଦର ଶେଷରେ ଥିବା ବିସର୍ଗ(ଃ) ସହିତ ପରପଦର ପ୍ରଥମରେ ଥିବା ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ମିଳନକୁ ବିସର୍ଗ ସନ୍ଧି କୁହାଯାଏ । ଅର୍ଥାତ୍ ବିସର୍ଗ(ଃ) ସହିତ ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ସନ୍ଧି ହେଲେ ତାହାକୁ ବିସର୍ଗ ସନ୍ଧି କହନ୍ତି । ଉଦାହରଣ ଲକ୍ଷ୍ୟକର –

ନିଃ + ପାପ = ନିଷ୍ପାପ

ମନଃ + କାମନା = ମନସ୍କାମନା

ନଭଃ + ଚର = ନଭଶ୍ଚର

ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର

ତପଃ + ବନ = ତପୋବନ

ଅଧଃ + ଗତି = ଅଧୋଗତି

ନିଃ + ଲୋଭ = ନିର୍ଲୋଭ

ଆୟୁଃ + ବେଦ = ଆୟୁର୍ବେଦ

ଦୁଃ + ଗତି = ଦୁର୍ଗତି

ସ୍ୱଃ + ଗତ = ସ୍ୱର୍ଗତ

ପୁରଃ + କାର = ପୁରସ୍କାର

ଧନୁଃ + ପାଣି = ଧନୁଷ୍ପାଣି

ଦୁଃ + ଚିନ୍ତା = ଦୁଶ୍ଚିନ୍ତା

ପୁନଃ + ଅପି = ପୁନରପି

ମନଃ + ରଞ୍ଜନ = ମନୋରଞ୍ଜନ

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

- ସନ୍ଧି କାହାକୁ କୁହାଯାଏ ?
- ସନ୍ଧି କେତେ ପ୍ରକାରର ଓ କ'ଣ କ'ଣ ?
- ସ୍ୱରସନ୍ଧି କହିଲେ କ'ଣ ବୁଝ ?
- ବ୍ୟଞ୍ଜନ ସନ୍ଧିର ସଂଜ୍ଞା ନିରୂପଣ କର ।

- ତଳ ଲିଖିତ ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କର –
  ନୀଳାଚଳ, ଦଶାବତାର, ସତ୍ୟାନନ୍ଦ, ଦୁର୍ଗାଷ୍ଟମୀ, ମରୂଦ୍ୟାନ, ଶୁଭେଚ୍ଛା, ରାମେଶ୍ୱର, ଲମ୍ବୋଦର, ସପ୍ତର୍ଷି, ପ୍ରତ୍ୟକ୍ଷ
- ବିସର୍ଗ ସନ୍ଧିର କେତୋଟି ଉଦାହରଣ ଲେଖ ।
- ସନ୍ଧି କର –
  ଇତି + ଆଦି =
  ଅତି + ଅନ୍ତ =
  ଅନୁ + ଏଷଣ =
  ସୁ + ଆଗତ =
  ପରି + ଆଲୋଚନା =
  ଦେବୀ + ଓଷ୍ଠ =
  ଜଗତ୍ + ଜନନୀ =
  ଉତ୍ + ଶ୍ୱାସ =
  ସମ୍ + ଶୋଧନ =
  ନମଃ + କାର =

## ସମ୍ଭାବ୍ୟ ଉତ୍ତର

- ସନ୍ଧି କହିଲେ ପୂର୍ବପଦର ଶେଷବର୍ଣ୍ଣ ସହିତ ପରପଦର ଆଦ୍ୟବର୍ଣ୍ଣର ମିଳନକୁ ବୁଝାଯାଏ ।
- ସନ୍ଧି ତିନିପ୍ରକାରର । ଯଥା : ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ।
- ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କହନ୍ତି ।
  ନୀଳ + ଅଚଳ = ନୀଳାଚଳ
  ଦଶ + ଅବତାର = ଦଶାବତାର
  ସତ୍ୟ + ଆନନ୍ଦ = ସତ୍ୟାନନ୍ଦ
  ଦୁର୍ଗା + ଅଷ୍ଟମୀ = ଦୁର୍ଗାଷ୍ଟମୀ
  ମରୁ + ଉଦ୍ୟାନ = ମରୁଦ୍ୟାନ
  ଶୁଭ + ଇଚ୍ଛା = ଶୁଭେଚ୍ଛା
  ରାମ + ଈଶ୍ୱର = ରାମେଶ୍ୱର
  ଲମ୍ବ + ଉଦର = ଲମ୍ବୋଦର
  ସପ୍ତ + ଋଷି = ସପ୍ତର୍ଷି
  ପ୍ରତି + ଅକ୍ଷ = ପ୍ରତ୍ୟକ୍ଷ
  ଇତି + ଆଦି = ଇତ୍ୟାଦି
  ଅତି + ଅନ୍ତ = ଅତ୍ୟନ୍ତ
  ଅନୁ + ଏଷଣ = ଅନ୍ୱେଷଣ
  ସୁ + ଆଗତ = ସ୍ୱାଗତ
  ପରି + ଆଲୋଚନା = ପର୍ଯ୍ୟାଲୋଚନା
  ଦବୀ + ଓଷ୍ଠ = ଦେବ୍ୟୋଷ୍ଠ
  ଜଗତ୍ + ଜନନୀ = ଜଗଜ୍ଜନନୀ
  ଉତ୍ + ଶ୍ୱାସ = ଉଚ୍ଛ୍ୱାସ
  ସମ୍ + ଶୋଧନ = ସଂଶୋଧନ
  ନମଃ + କାର = ନମସ୍କାର

## ତୁମେମାନେ ଜାଣିରଖ

- ❖ ସନ୍ଧି କହିଲେ ଆମେ ବୁଝିବା, ଦୁଇବର୍ଣ୍ଣର ମିଳନ ବା ସଂଯୋଗ, ପୂର୍ବପଦର ଶେଷବର୍ଣ୍ଣ ସହିତ ପରପଦର ଆଦ୍ୟ ବର୍ଣ୍ଣର ମିଳନକୁ ସନ୍ଧି କହନ୍ତି ।
- ❖ ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ ଓ ବିସର୍ଗକୁ ନେଇ ସନ୍ଧି ହୁଏ । ତେଣୁ ସନ୍ଧି ତିନିପ୍ରକାରର - ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ।
- ❖ ପୂର୍ବପଦର ଶେଷ ସ୍ୱରବର୍ଣ୍ଣ ସହିତ ପରପଦର ପ୍ରଥମ ସ୍ୱରବର୍ଣ୍ଣର ମିଳନ ବା ସନ୍ଧିକୁ ସ୍ୱରସନ୍ଧି କହନ୍ତି।
- ❖ ପୂର୍ବପଦର ଶେଷ ବ୍ୟଞ୍ଜନ ବର୍ଣ୍ଣ ସହିତ ପରପଦର ପ୍ରଥମ ବ୍ୟଞ୍ଜନ ସନ୍ଧି କହନ୍ତି ।
- ❖ ପୂର୍ବପଦର ଶେଷରେ ଥିବା ବିସର୍ଗ (ଃ) ସହିତ ପରପଦର ପ୍ରଥମରେ ଥିବା ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣନର ମିଳନ ବା ସନ୍ଧିକୁ ବିସର୍ଗ ସନ୍ଧି କହନ୍ତି ।

### ସହାୟକ ଗ୍ରନ୍ଥସୂଚୀ


୧) ସର୍ବସାର ବ୍ୟାକରଣ - ନାରାୟଣ ମହାପାତ୍ର, ଶ୍ରୀଧର ଦାସ

୨) ଓଡ଼ିଆ ବ୍ୟାକରଣ - ଧନେଶ୍ୱର ମହାପାତ୍ର

୩) ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର - ଧନେଶ୍ୱର ମହାପାତ୍ର

୪) ଓଡ଼ିଆ ବ୍ୟାକରଣ ବିଚାର - ବିଜୟଲକ୍ଷ୍ମୀ ମହାନ୍ତି

୫) ପ୍ରଚଳିତ ଓଡ଼ିଆ ଭାଷାର ବ୍ୟାକରଣ - ବିଜୟ ପ୍ରସାଦ ମହାପାତ୍ର

୬) ମାଧ୍ୟମିକ ବ୍ୟାକରଣ - ମାଧ୍ୟମିକ ଶିକ୍ଷା ପରିଷଦ, କଟକ

୭) ଧ୍ୱନି ବିଜ୍ଞାନ- ଗୋଲକ ବିହାରୀ ଧଳ


## ତୁମେ ମାନେ ଅଧିକ ଜାଣିବା ପାଇଁ ଉପଯୋଗୀ ପୁସ୍ତକ –


୧) ଓଡିଆ ଭାଷା ଓ ସାହିତ୍ୟ - ପଣ୍ଡିତ ନୀଳକଣ୍ଠ ଦାସ

୨) ଓଡିଆ ଭାଷାର ଇତିହାସ - ପଣ୍ଡିତ ବିନାୟକ ମିଶ୍ର

୩) ଓଡିଆ ଲିପି ଓ ଭାଷାର କ୍ରମ ବିକାଶ – ଡଃ କୁଞ୍ଜ ବିହାରୀ ତ୍ରିପାଠୀ

୪) ଭାଷା ଶାସ୍ତ୍ର ପରିଚୟ- ପ୍ରଫେସର ଗୋଲୋକ ବିହାରୀ ଧଳ

୫) ଓଡିଆ କେବେ - ପ୍ରଫେସର ଗୋଲୋକ ବିହାରୀ ଧଳ

୬) ଓଡିଆ ଲିପି ଓ ଭାଷା – ଡଃ ଖଗେଶ୍ୱର ମହାପାତ୍ର

୭) ଓଡିଆ ଭାଷା ର ଚର୍ଚ୍ଚାର ପରଂପରା - ଡଃ ଗଗନେନ୍ଦ୍ର ନାଥ ଦାଶ

୮) ଓଡିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ – ଡଃ ବଂଶୀଧର ମହାନ୍ତି

୯) ଓଡିଆ ଭାଷା ଓ ଭାଷା ବିଜ୍ଞାନ -ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ

୧୦) ମାତୃ ଭାଷା ଓଡିଆ – ଡଃ ବିଜୟ ପ୍ରସାଦ ମହାପାତ୍ର